DOI : https://doi.org/10.5281/zenodo.15253335 ମୂଳ ପ୍ରବନ୍ଧ

ତୁଳନାତ୍ମକ ସାହିତ୍ୟ: ଭିତ୍ତି ଓ ବ୍ୟାପ୍ତି

ଚୂଳରାଜ ମେହେର ଓ ଆଲୋକ ବରାଳ

ସଂକ୍ଷିପ୍ତସାର :

ତୁଳନାତ୍ମକ ସାହିତ୍ୟ ଆଧୁନିକ ସାହିତ୍ୟ ଅଧ୍ୟୟନ ପ୍ରକ୍ରିୟାର ଏକ ଅବିଚ୍ଛେଦ୍ୟ ଅଙ୍ଗ ଅଟେ । ବିଭିନ୍ନ ବିଶ୍ୱବିଦ୍ୟାଳୟରେ ଏହା ସ୍ୱତନ୍ତ୍ର ବିଭାଗ ରୂପେ ବିକଶିତ ହୋଇ ସମାଲୋଚନା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି କିନ୍ତୁ ଓଡ଼ିଆ ସାହିତ୍ୟରେ ତୁଳନାତ୍ମକ ଅଧ୍ୟୟନ ସେତେ ପରିବ୍ୟାପ୍ତ ହୋଇ ପାରିନାହିଁ । ଏହାର କାରଣ ତୁଳନାତ୍ମକ ଅଧ୍ୟୟନକୁ ନେଇ ପାଠକମାନଙ୍କ ମଧ୍ୟରେ ସଚେତନତା ଆସିପାରୁ ନାହିଁ। ଏ ଦିଗରେ ଉକ୍ତ ଆଲେଖ୍ୟ କିଂଚିତ ସହାୟକ ହୋଇପାରେ। ଏଥିରେ ତୁଳନାତ୍ମକ ସାହିତ୍ୟ ସମ୍ପର୍କରେ ସମ୍ୟକ୍ ଆଲୋଚନା କରାଯାଇଛି ଯହିଁରେ ତୁଳନାତ୍ମକ ସାହିତ୍ୟର ପରିଭାଷା, ଇତିହାସ, ଉପକରଣ, ଅଧ୍ୟୟନ ପଦ୍ଧତି ସଂମ୍ପର୍କରେ ସୂଚନା ଦିଆଯାଇଛି ।

ପ୍ରମୁଖ ଶବ୍ଦାବଳୀ :

ଜଗତୀକରଣ, ତୁଳନା, ତୁଳନାତ୍ମକ ଅଧ୍ୟୟନ, ତୁଳନାତ୍ମକ ସାହିତ୍ୟ, ବିଶ୍ୱ ସାହିତ୍ୟ, ଜାତୀୟ ସାହିତ୍ୟ, ପ୍ରଭାବ, ଅନୁକରଣ, ସମାନ୍ତରାଳ ଅଧ୍ୟୟନ, ଆନ୍ତଃଶାସ୍ତ୍ରୀୟତା, ଅନୁବାଦ, ପାଠକ ପ୍ରତିକ୍ରିୟା ତତ୍ତ୍ୱ ।

ବର୍ତ୍ତମାନ ସମୟରେ ଜଗତୀକରଣ (Globalization) ହେଉଛି ଏକ ଲୋକପ୍ରିୟ ଏବଂ ବହୁଳ ବ୍ୟବହୃତ ଶବ୍ଦ ଯାହା ଆର୍ଥନୈତିକ ଜଗତୀକରଣକୁ ବୁଝାଏ । ଅର୍ଥାତ୍ 'ଆନ୍ତର୍ଜାତୀୟ ଅର୍ଥନୀତିରେ ଜାତୀୟ ଅର୍ଥନୀତିର ଏକୀକରଣ' । କିନ୍ତୁ ଜଗତୀକରଣ ଶବ୍ଦ କେବଳ ଆମ ବର୍ତ୍ତମାନ ଜୀବନର ଆର୍ଥନୈତିକ ଦିଗରେ ସୀମିତ ନୁହେଁ, ବରଂ ସାଂସ୍କୃତିକ, ବୈଷୟିକ, ସାହିତ୍ୟିକ ଇତ୍ୟାଦି ଅନ୍ୟାନ୍ୟ ଦିଗରେ ମଧ ପ୍ରସାରିତ । ଦ୍ରୁତ ଯୋଗାଯୋଗ ମାଧ୍ୟମ ଯୋଗୁଁ ସମଗ୍ର ବିଶ୍ୱରେ ସାଂସ୍କୃତିକ ବିନିମୟ ବୃଦ୍ଧି ପାଇଛି । ଜଗତୀକରଣର ସାମ୍ପ୍ରତିକ ପରିପ୍ରେକ୍ଷୀରେ ପୃଥିବୀର ଗୋଟିଏ ପ୍ରାନ୍ତରେ ଲିଖିତ ସାହିତ୍ୟକୁ ପୃଥିବୀର ଅନ୍ୟ ପ୍ରାନ୍ତମାନଙ୍କରେ ବହୁତ ଆଗ୍ରହର ସହ ଅଧ୍ୟୟନ କରାଯାଏ, କାରଣ ବର୍ତ୍ତମାନ ଲୋକମାନେ ଭିନ୍ନ ସାଂସ୍କୃତିକ ମହତ୍ତ୍ୱ ଥିବା ଭୂଖଣ୍ଡର ଅଧ୍ୟୟନ ପ୍ରତି ଅଧିକ ଜିଜ୍ଞାସା ପ୍ରକାଶ କରନ୍ତି । ସାହିତ୍ୟ, କଳା, ସଂସ୍କୃତି ଏବଂ ଚିନ୍ତାଧାରା ଅଲଗା ଅଲଗା ଭାବରେ ବିକଶିତ ହୁଏ ନାହିଁ ବରଂ ଅନ୍ୟ କଳାକୃତି, ଐତିହାସିକ ଆନ୍ଦୋଳନ, ରାଜନୈତିକ ଦୃଷ୍ଟିକୋଣ, ଧାର୍ମିକ ବିଶ୍ୱାସ ଏବଂ ସାଂସ୍କୃତିକ ଧାରଣାକୁ ନିକଟରୁ ଅଥବା ଦୂରରୁ ଆକର୍ଷିତ କରି ସମାନ୍ତରାଳ ଭାବରେ ଗତି କରିଥାଏ। ତୁଳନାତ୍ମକ ସାହିତ୍ୟର ଅଧ୍ୟୟନ ଆନ୍ତଃ-ସାଂସ୍କୃତିକ ଏବଂ ଆନ୍ତଃ-ଶୃଙ୍ଖଳାଗତ ଅଟେ, ଯାହା ଏପରି ପରୀକ୍ଷାକୁ ସମ୍ଭବ କରେ । ତୁଳନାତ୍ମକ ସାହିତ୍ୟ ରାଷ୍ଟ୍ରମାନଙ୍କ ମଧ୍ୟରେ ଥିବା ବୈଷମ୍ୟକୁ ଭାଙ୍ଗିବାକୁ ଚେଷ୍ଟା କରି ପାରସ୍ପରିକ ସମତା ପ୍ରତିଷ୍ଠା କରେ ଯହିଁରେ ସାହିତ୍ୟର ପ୍ରତ୍ୟେକ କାର୍ଯ୍ୟ ବଡ଼ ହେଉ କି କ୍ଷୁଦ୍ର, ତାକୁ ବିଚାରକୁ ନିଆଯାଇଥାଏ।

ଯୋଗାଯୋଗ :
ଚୂଳରାଜ ମେହେର, ଗବେଷକ
କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓଡ଼ିଶା, କୋରାପୁଟ
Email: chularajmeher123@gmail.com
ORCID ID: https://orcid.org/0009-0006-9318-5121

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

ପ୍ରାପ୍ତି	ସମୀକ୍ଷିତ	ଗୃହୀତ	ପ୍ରକାଶିତ
୩.୧୦.୨୦୨୪	୧୦.୧୧.୨୦୨୪	୨୫.୧୨.୨୦୨୪	୧.୦୨.୨୦୨୫

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ମେହେର୍, ଚୂଳରାଜ ଓ ବାରାଳ, ଆଲୋକ ୨୦୨୫। ତୁଳନାତ୍ମକ ସାହିତ୍ୟ: ଭିତ୍ତି ଓ ବ୍ୟାପ୍ତି। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୧, ସଂଖ୍ୟା : କ, ପୃଷ୍ଠା : ୫୧-୬୨।

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI: https://doi.org/10.5281/zenodo.15253335

Article No - BPP00289

ଏକ ଜାତିର ସାହିତ୍ୟ ରଚନାକୁ ତୁଳନା କରିବା ବେଳେ ଏହାର ସଂସ୍କୃତି ଓ ଇତିହାସକୁ ମଧ୍ୟ ଗୁରୁତ୍ୱ ସହକାରେ ବିଚାରକୁ ନିଆଯାଇଥାଏ।

'ତୁଳନା' (Compare) ମଣିଷ ମଧ୍ୟରେ ଥିବା ସହଜାତ ପ୍ରବୃତ୍ତିର ଏକ ବିଶେଷ ଦିଗକୁ ଉନ୍ମୋଚନ କରେ । ବିକଳ୍ପହୀନ ଭାବରେ କୌଣସି ବସ୍ତୁ କିମ୍ବା ଚିନ୍ତାଧାରାକୁ ଗ୍ରହଣ କରିବା ସକାଶେ ମଣିଷ ଭିତରେ ବିଶେଷ ଆଗ୍ରହ ପରିଲକ୍ଷିତ ହୁଏ ନାହିଁ । ଅପରପକ୍ଷରେ ବହୁ ବିକଳ୍ପ ମଧ୍ୟରେ ସମାନ୍ତରାଳ ଦୃଷ୍ଟି ନେଇ ଉକ୍ତ ବସ୍ତୁ ତଥା ଚିନ୍ତା ଚେତନା ଆଦିକୁ ଗ୍ରହଣ କରିବାର ଉତ୍ସାହ ତା'ମଧ୍ୟରେ ସର୍ବଦା ପ୍ରକାଶିତ ହେଉଥାଏ । ଏହା ହିଁ ପ୍ରକୃତରେ ତୁଳନାକୁ ଗୁରୁତ୍ୱ ପ୍ରଦାନ କରେ । ମଣିଷ ଯେବେଠୁ ବୌଦ୍ଧିକ ଜ୍ଞାନର ଆହରଣ କରିଛି ସେହି ଦିନଠାରୁ ତୁଳନା ଉପରେ ଗୁରୁତ୍ୱ ଦେଇଆସିଛି। ଆହୁରି ମଧ୍ୟ ଅଜ୍ଞାନ ବା ଅସଚେତନ ଭାବରେ ତା'ମଧ୍ୟରେ ତୁଳନାତ୍ମକ ବିଚାର ସ୍ୱତଃ ପ୍ରକାଶ ଲାଭ କରିଛି। ଉଦାହରଣସ୍ୱରୂପ, ଅବୋଧ ଶିଶୁଟିକୁ କୌଣସି ଏକ ଖେଳ ସାମଗ୍ରୀ ଦିଆଯାଏ, ତେବେ ତା'ମଧ୍ୟରେ ଥିବା ବିଶେଷ ଆଗ୍ରହକୁ ଅନୁମାନ କରିବା କଷ୍ଟକର। ମାତ୍ର ଦୁଇ ବା ତତୋଽଧିକ ଖେଳ ସାମଗ୍ରୀ ମଧ୍ୟରେ ଯଦି ତାକୁ ସ୍ୱଇଚ୍ଛାର ଖେଳଣା ଚୟନ କରିବାର ସୁଯୋଗ ଦିଆଯାଏ, ତହିଁରେ ଉକ୍ତ ଶିଶୁର ଉତ୍ସାହ ଭିତରେ ତୁଳନାର ପ୍ରଭାବକୁ ସ୍ପଷ୍ଟ ଅନୁମାନ କରାଯାଇପାରେ । ଏହି ପରିପ୍ରେକ୍ଷୀରେ ତୁଳନା ଯେ, ମଣିଷର ଏକ ସହଜାତ ପ୍ରବୃତ୍ତିର ଅଂଶବିଶେଷ ଏଥିରେ ଦ୍ୱିମତ ଥାଇ ନପାରେ । ତୁଳନା ମଣିଷ ମଧ୍ୟରେ ଥିବା ସହଜାତ କ୍ରିୟା-ପ୍ରତିକ୍ରିୟା ମଧ୍ୟରେ ଅନ୍ୟତମ ଯାହାକି ଉଭୟ ସଚେତନ ଓ ଅସଚେତନ ଭାବରେ ଗ୍ରହଣଶୀଳ । ମାନବୀୟ ମନୀଷାର ସମସ୍ତ କ୍ଷେତ୍ରରେ ମୂଲ୍ୟାୟନ ଐକାନ୍ତିକ ଭାବରେ ନିର୍ଭର କରିଥାଏ ତୁଳନା ଉପରେ । ମୂଲ୍ୟାୟନ ଅର୍ଥ ହେଉଛି କୌଣସି ଏକ ବସ୍ତୁ ବା କ୍ରିୟାଠାରୁ ଉତ୍କୃଷ୍ଟ ବା ନିକୃଷ୍ଟ ପ୍ରତିପାଦନ କରିବା। ଚରାଚର ପୃଥିବୀର ବିଭିନ୍ନ ଜୀବଜନ୍ତୁଙ୍କୁ ଯେଉଁ ମାନଦଣ୍ଡରେ ଶ୍ରେଣୀଭୁକ୍ତ କରାଯାଇଛି, ତାର ଭିତ୍ତି ମଧ୍ୟ ତୁଳନା । ବସ୍ତୁତଃ ସମସ୍ତ ପ୍ରକାରର ଗୁଣାତ୍ମକ ବିବେଚନା ବା ମୂଲ୍ୟାୟନ ଏହି ତୁଳନା କ୍ରିୟା ବ୍ୟତିରେକ ଅସମ୍ଭବ । ସାହିତ୍ୟ କ୍ଷେତ୍ରରେ ସେହିପରି କାଳିଦାସଙ୍କର ଉପମା ସଂଯୋଜନା, ସେକ୍ସପିଅରଙ୍କର ଚରିତ୍ର ସୃଷ୍ଟି, ସଫୋକ୍ଲିସଙ୍କର କଥାବସ୍ତୁ ନିର୍ମାଣ ଆଦିର ଶ୍ରେଷ୍ଠତ୍ୱ ନିରୂପଣ କରିବାରେ ଏକମାତ୍ର ଆଶ୍ରିତ ଉପାୟ ହେଲା ଅନ୍ୟ କବିମାନଙ୍କ ସହିତ ସେମାନଙ୍କର ତୁଳନା । ବିଂଶ ଶତକର ଅନ୍ୟତମ ପ୍ରସିଦ୍ଧ ସମାଲୋଚକ ଟି.ଏସ୍. ଇଲିଅଟ୍ ଯଥାର୍ଥରେ କହିଛନ୍ତି, କୌଣସି କବିଙ୍କର ଏକକ ଅଧ୍ୟୟନ ଅସମ୍ଭବ । କାରଣ ଅଧ୍ୟୟନର ଲକ୍ଷ୍ୟ ମୂଲ୍ୟାୟନ ଦ୍ୱାରା କରାଯାଇପାରିବ ନାହିଁ । କୌଣସି କବିଙ୍କର ଯଥାର୍ଥ ମୂଲ୍ୟାୟନ ଏହି ଏକକ ଅଧ୍ୟୟନ ପାଇଁ ତାଙ୍କୁ ତାଙ୍କର ସମକାଳୀନ ସମଧର୍ମୀ ଅନ୍ୟାନ୍ୟ କବି ତଥା ତାଙ୍କର କାବ୍ୟ ପରମ୍ପରାର ଅନ୍ୟାନ୍ୟ ବହୁ ପୂର୍ବସୂରୀମାନଙ୍କ ସହିତ ତୁଳନା କରିବାକୁ ହିଁ ପଡ଼ିଥାଏ । କାରଣ କବି ଜଣେ ବ୍ୟକ୍ତିବିଶେଷ ହେଲେ ମଧ୍ୟ ନିଜର ସାଂସ୍କୃତିକ ପରମ୍ପରାଠାରୁ ସେ କଦାପି ସ୍ୱତନ୍ତ୍ର ରହିପାରିବେ ନାହିଁ ।

ମାତ୍ର ତୁଳନାତ୍ମକ ଅଧ୍ୟୟନ (Comparative Study) ପ୍ରସଙ୍ଗ ଯେତେବେଳେ ଆଲୋଚନା କରାଯାଏ, ଏହା ଏକ ସଚେତନ ପ୍ରକ୍ରିୟା ଏବଂ ଏକ ସବିଶେଷ ଅଧ୍ୟୟନର କେନ୍ଦ୍ର, ଏକଥାକୁ ଆଦୌ ଅବହେଳା କରାଯାଇପାରିବ ନାହିଁ । ଅବୋଧ ଶିଶୁ ମଧ୍ୟରେ ଦୁଇ ବା ତତୋଽଧିକ ବସ୍ତୁ ମଧ୍ୟରୁ କୌଣସି ଗୋଟିଏ ବସ୍ତୁକୁ ଗ୍ରହଣ କରିବାରେ ତୁଳନାଠାରୁ ଅଧିକ ଆକର୍ଷଣ ହିଁ ଗୁରୁତ୍ୱ ପାଏ । ମାତ୍ର ତୁଳନାତ୍ମକ ଅଧ୍ୟୟନ ପାଇଁ ବୌଦ୍ଧିକ ପରିଚିତି, ସଜ୍ଞାନ ବିଚାର କ୍ଷମତା ଓ ସଚେତନ ମନୋବୃତ୍ତି ନିତାନ୍ତ ଆବଶ୍ୟକ ହୋଇପଡ଼େ । କାରଣ ତୁଳନାତ୍ମକ ଅ୍ଧ୍ୟୟନରେ ନିରପେକ୍ଷତା ସେତିକି ଗୁରୁତ୍ୱପୂର୍ଣ୍ଣ ଯେତିକି ଗବେଷଣା ପାଇଁ ଗବେଷକର ଆବିଷ୍କାରମୂଳକ ମନୋବୃତ୍ତି ଏବଂ ସମାଲୋଚକର ସମୀକ୍ଷାତ୍ମକ ଦୃଷ୍ଟିଭଙ୍ଗୀ ଆବଶ୍ୟକ ଅଟେ । ସାମଗ୍ରିକ ଭାବରେ କହିବାକୁ ଗଲେ, ତୁଳନା ଅପେକ୍ଷା ତୁଳନାତ୍ମକ ଅଧ୍ୟୟନର ଗୁରୁତ୍ୱ ପରିବର୍ଦ୍ଧିତ ହେବା ସହ ସ୍ୱତନ୍ତ୍ର ମଧ୍ୟ । ଦୁଇ ବସ୍ତୁ ତଥା ଚେତନା ମଧ୍ୟରେ ସମତାକୁ ଗୁରୁତ୍ୱ ପ୍ରଦାନ କରିବା ତୁଳନାର ନିଷ୍କର୍ଷ ହୋଇପାରେ, ଯେଉଁଥିରେ ସାଦୃଶ୍ୟ ଯେତିକି ଗୁରୁତ୍ୱପୂର୍ଣ୍ଣ ବୈସାଦୃଶ୍ୟ ମଧ୍ୟ ସମାନ ଭାବରେ ମୁଖ୍ୟ ଭୂମିକା ଗ୍ରହଣ କରେ । ଫଳାଫଳ ନିର୍ଦ୍ଧାରଣରେ ତୁଳନାର ଭୂମିକା ସଂପୂର୍ଣ୍ଣ ହୋଇଯାଏ ମାତ୍ର ତୁଳନାତ୍ମକ ଅଧ୍ୟୟନ ଦୁଇ ତୁଲ୍ୟ-ମୂଲ୍ୟ ବସ୍ତୁ ଓ ଚେତନା ମଧ୍ୟରେ ଥିବା ସାଦୃଶ୍ୟକୁ ବିଚାର କରି ଏହାର ସମାନ୍ତରାଳ ଅଧ୍ୟୟନରେ ଆହୁରି ପରିବ୍ୟାପ୍ତ ହୋଇଉଠେ । ତୁଳନାର ଦୀର୍ଘତମ ଗତିପଥରେ ଉଭୟ ବସ୍ତୁ ଓ ଚେତନାର ସ୍ୱାତନ୍ତ୍ର୍ୟକୁ ବଜାୟ ରଖି ଏହାର ଏକତ୍ର ଅଧ୍ୟୟନ ଉପରେ ତୁଳନାତ୍ମକ ଅଧ୍ୟୟନ ଗୁରୁତ୍ୱ ଆରୋପ କରିଥାଏ । ତେବେ ପ୍ରାସଙ୍ଗିକତା ଆଧାରରେ ତୁଳନା ଓ ତୁଳନାତ୍ମକ ଅଧ୍ୟୟନ ଭିନ୍ନ ନହେଲେ ହେଁ ପରୋକ୍ଷ ଭାବରେ ଦୁଇଟି ସ୍ୱତନ୍ତ୍ର ଦିଗକୁ ଆଲୋକପାତ କରନ୍ତି ବୋଲି କୁହାଯାଇପାରେ ।

'ତୁଳନାତ୍ମକ ସାହିତ୍ୟ' (Comparative Literature) ତୁଳନାତ୍ମକ ଅଧ୍ୟୟନର ଏକ ପ୍ରମୁଖ ବିଭାଗ ଅଟେ । ତୁଳନାତ୍ମକ ଅଧ୍ୟୟନର ପ୍ରକ୍ରିୟାରେ ଯେତେବେଳେ ସାହିତ୍ୟକୁ ସମାଲୋଚନା କରାଯାଏ, ତେବେ ତାହା ସାହିତ୍ୟର ତୁଳନାତ୍ମକ ଅଧ୍ୟୟନ ରୂପେ ଆଖ୍ୟାୟିତ ହୁଏ । ଅନ୍ୟ ଅର୍ଥରେ ତୁଳନାକୁ ଭିତ୍ତିକରି ସାହିତ୍ୟ ଅଧ୍ୟୟନ ଅଗ୍ରସର ହେଲେ ତାହାକୁ ତୁଳନାତ୍ମକ ସାହିତ୍ୟ କୁହାଯାଏ । ପ୍ରକାଶ ଥାଉ ଯେ, ସାହିତ୍ୟର ତୁଳନାତ୍ମକ ଅଧ୍ୟୟନ (Comparative Study of Literature) ଓ ତୁଳନାତ୍ମକ ସାହିତ୍ୟ

(Comparative Literature) ଏକ ସୂତ୍ରରେ ଆବଦ୍ଧ ଓ ପରସ୍ପର ଅବିଚ୍ଛେଦ୍ୟ ଅଟନ୍ତି । ତୁଳନାତ୍ମକ ଅଧ୍ୟୟନ ପାଇଁ ଦୁଇ ବା ତହିଁରୁ ଅଧିକ ତୁଲ୍ୟ-ମୂଲ୍ୟ ଉପାଦାନ ଆବଶ୍ୟକ ହୁଏ । ସମାନ ଭାବରେ ତୁଳନାତ୍ମକ ସାହିତ୍ୟ ଅଧ୍ୟୟନ ପାଇଁ ମଧ୍ୟ ଅତି କମରେ ଦୁଇଟି ସାହିତ୍ୟର ଅଧ୍ୟୟନ ଆବଶ୍ୟକ ଅଟେ । କିନ୍ତୁ ଏଥିରେ ତୁଳନୀୟ ସାହିତ୍ୟ କିମ୍ବା ସାହିତ୍ୟ ସ୍ରଷ୍ଟାଙ୍କର ସାଂସ୍କୃତିକ ପରିମଣ୍ଡଳ ପରସ୍ପରଠାରୁ ଭିନ୍ନ ହେବା ଅପରିହାର୍ଯ୍ୟ ଅଟେ । "ସାହିତ୍ୟ ଅଧ୍ୟୟନ କ୍ଷେତ୍ରରେ ଗୋଟିଏ ସାଂସ୍କୃତିକ ପରମ୍ପରାଭୂକ୍ତ ଦୁଇ ବା ତତୋଽଧିକ କବିଙ୍କର ତୁଳନାକୁ ତୁଳନାତ୍ମକ ସାହିତ୍ୟ ଅ୍ଧ୍ୟୟନ ବା ତୁଳନାତ୍ମକ ସାହିତ୍ୟର ପରିସରଭୁକ୍ତ କରାଯାଇନାହିଁ । ଅର୍ଥାତ୍ କାଳିଦାସଙ୍କୁ ବାଲ୍ମୀକିଙ୍କ ସହିତ ତୁଳନା କରିବା ବା ମିଲଟନଙ୍କୁ ସେକ୍ସପିଅରଙ୍କ ସହିତ ତୁଳନା କରିବାକୁ 'ତୁଳନାତ୍ମକ ସାହିତ୍ୟ' କୁହାଯିବନାହିଁ । ଦୁଇ ବା ତତୋଽଧିକ ସାଂସ୍କୃତିକ ପରଂମ୍ପରାଭୁକ୍ତ କବିମାନଙ୍କର ତୁଳନା ହିଁ ତୁଳନାତ୍ମକ ସାହିତ୍ୟର ବୃତ୍ତି । ଅର୍ଥାତ୍ ତୁଳନାତ୍ମକ ସାହିତ୍ୟ ସର୍ବଦା ଅନ୍ତଃସାଂସ୍କୃତିକ ସାହିତ୍ୟ ଅଧ୍ୟୟନକୁ ହିଁ ନିର୍ଦ୍ଦେଶ କରିଥାଏ । ବାଲ୍ମୀକିଙ୍କ ସହିତ ହୋମର, କାଳିଦାସଙ୍କ ସହିତ ଭର୍ଜିଲ୍, ସଫୋକ୍ଲିସଙ୍କ ସହିତ ସେକ୍ସପିଅରଙ୍କର ଅଥବା ଫ୍ଲୋବେଆରଙ୍କ ସହିତ ଦସ୍ତୋଭିସ୍କିଙ୍କର ତୁଳନାକୁ କୁହାଯିବ ତୁଳନାତ୍ମକ ସାହିତ୍ୟ । ଏପରିକି ଗୋଟିଏ ସଂସ୍କୃତିର ଅନ୍ତର୍ଗତ ଦୁଇଟି ଭିନ୍ନ ପ୍ରାଦେଶିକ ଭାଷାର ସାହିତ୍ୟ ଅଧ୍ୟୟନକୁ ମଧ୍ୟ ତୁଳନାତ୍ମକ ସାହିତ୍ୟ କୁହାଯାଏ । ଓଡ଼ିଆ ସହିତ ବଙ୍ଗଳା, ହିନ୍ଦୀ, ମରାଠୀ, ତାମିଲ ପ୍ରଭୃତି ସାହିତ୍ୟର ଅଧ୍ୟୟନକୁ ତୁଳନାତ୍ମକ ସାହିତ୍ୟ କୁହାଯିବ ।" (ଶୁକ୍ଳ, ଅନନ୍ତ ଚରଣ, *'ତୁଳନାତ୍ମକ ସାହିତ୍ୟ ! କ'ଣ, କାହିଁକି ଓ କେବେ ?', ତୁଳନାତ୍ମକ ସାହିତ୍ୟ (ଏକ ସନ୍ଧାନ)*, କଟକ, ଓଡିଆ ଗବେଷଣା ପରିଷଦ, ୧୯୮୪, ପୃ-୨୭)

ତୁଳନାତ୍ମକ ସାହିତ୍ୟ ନାମରେ କୌଣସି ନିର୍ଦ୍ଦିଷ୍ଟ ସାହିତ୍ୟିକ ଧାରା ସୃଷ୍ଟି ହୋଇନାହିଁ, ଏହା ଏକ ଅଧ୍ୟୟନ ପଦ୍ଧତି ବା ସମାଲୋଚନା ପଦ୍ଧତି ଅଟେ। ତଥାପି ତୁଳନାତ୍ମକ ସାହିତ୍ୟ ସାଧାରଣ ସାହିତ୍ୟ ଅଧ୍ୟୟନଠାରୁ ଭିନ୍ନ, ଏକ ସ୍ୱତନ୍ତ୍ର ଅଧ୍ୟୟନ ବିଭାଗ ଅଟେ । କାରଣ ସାହିତ୍ୟ ଅଧ୍ୟୟନରେ ଏକ ପାଠ୍ୟ କିମ୍ବା ଗ୍ରନ୍ଥର ସମାଲୋଚନାତ୍ମକ ଅଧ୍ୟୟନ ଉପରେ ଗୁରୁତ୍ୱ ଦିଆଯାଏ, ମାତ୍ର ତୁଳନାତ୍ମକ ସାହିତ୍ୟରେ ବିଭିନ୍ନ ସଂସ୍କୃତି ଏବଂ ଯୁଗର ଗ୍ରନ୍ଥଗୁଡ଼ିକୁ ତୁଳନା ଏବଂ ବିଶ୍ଳେଷଣ କରିବାକୁ ପ୍ରୟାସ କରାଯାଏ । ତୁଳନାତ୍ମକ ସାହିତ୍ୟ ହେଉଛି ଅଧ୍ୟୟନର ଏକ ଆନ୍ତଃଶାସ୍ତ୍ରୀୟ ଶାଖା ଯାହା ଅନୁବାଦ ଅଧ୍ୟୟନ, ସମାଜବିଜ୍ଞାନ, ସମାଲୋଚନାତ୍ମକ ସିଦ୍ଧାନ୍ତ, ସାଂସ୍କୃତିକ ଅଧ୍ୟୟନ, ଧାର୍ମିକ ଅଧ୍ୟୟନ ଏବଂ ଇତିହାସ ଭଳି ବିଭିନ୍ନ ଦିଗ ଉପରେଧ୍ୟାନ କେନ୍ଦ୍ରିତ କରିଥାଏ । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ତୁଳନାତ୍ମକ ସାହିତ୍ୟ ଜାତୀୟ ସୀମା, ସମୟ ଅବଧି, ଭାଷା, ଶୈଳୀ ତଥା ବିଭିନ୍ନ ମାନବ ନିର୍ମିତ ସୀମାକୁ ଅତିକ୍ରମ କରିଥାଏ । ଏହା ଅଧ୍ୟୟନର ଏକ ସ୍ୱତନ୍ତ୍ର ବିଭାଗ ଯେଉଁଠାରେ ବିଭିନ୍ନ ସଭ୍ୟତା, ସଂସ୍କୃତି, ଯୁଗ ଏବଂ ଭାଷାର ସାହିତ୍ୟ, ଲୋକ, ରୀତିନୀତି, ଆଚରଣ, ପୁରାଣ, ଇତିହାସ, ଦର୍ଶନ ଏବଂ ସାମାଜିକ ଆନ୍ଦୋଳନ ଇତ୍ୟାଦିକୁ ବୁଝିବା ଏବଂ ବିଶ୍ଳେଷଣ କରିବା ପାଇଁ ଅଧ୍ୟୟନ କରାଯାଏ । ତୁଳନାତ୍ମକ ସାହିତ୍ୟ ହେଉଛି କୌଣସି ଦୁଇଟି କିମ୍ବା ଅଧିକ ଗୁରୁତ୍ୱପୂର୍ଣ୍ଣ ସାହିତ୍ୟ କୃତି ବା ସାହିତ୍ୟ ମଧ୍ୟରେ ଆନ୍ତଃସମ୍ପର୍କର ଅଧ୍ୟୟନ । ତେଣୁ ତୁଳନାତ୍ମକ ଅଧ୍ୟୟନ କରିବା ସମୟରେ ଉକ୍ତ ସାହିତ୍ୟ ସହ ସମ୍ପର୍କିତ ଉତ୍ସ, ବିଷୟବସ୍ତୁ, ପୁରାଣ, ରୂପ, କଳାତ୍ମକ ଦିଗ, ସାମାଜିକ ଏବଂ ଧାର୍ମିକ ଆନ୍ଦୋଳନ ଏବଂ ସାହିତ୍ୟିକ ଧାରାକୁ ବିଚାରକୁ ନେବା ଆବଶ୍ୟକ ଅଟେ ।

ତୁଳନାତ୍ମକ ସାହିତ୍ୟର ଇତିବୃତ୍ତ (History of Comparative Literature):

ଯଦି ଇତିହାସ ଦୃଷ୍ଟିରୁ ବିଚାର କରାଯାଏ, ତୁଳନାତ୍ମକ ସାହିତ୍ୟ ଇଂଲଣ୍ଡରେ ଉନବିଂଶ ଶତାବ୍ଦୀର ସଂକୀର୍ଣ୍ଣ ଜାତୀୟତାବାଦ ବିରୋଧରେ ପ୍ରତିକ୍ରିୟାର ଏକ ପରିଣାମ ଥିଲା ବୋଲି କୁହାଯାଇପାରେ । ତଥାପି ଖ୍ରୀଷ୍ଟିଆନ୍ ଯୁଗର ଆରମ୍ଭରୁ ସାହିତ୍ୟ କୃତିର ତୁଳନାତ୍ମକ ଅଧ୍ୟୟନ ପ୍ରଚଳିତ ଥିଲା । ତୁଳନାତ୍ମକ ଅଧ୍ୟୟନ କ୍ଷେତ୍ରରେ ଗ୍ରୀକମାନଙ୍କ ତୁଳନାରେ ରୋମାନମାନେ ଅଗ୍ରଣୀ ଥିଲେ । ରୋମାନମାନେ ଗ୍ରୀକ ଓ ରୋମାନର ମହାନ୍ ଦାର୍ଶନିକ ଓ କବିମାନଙ୍କ ରଚନାକୁ ତୁଳନା କରିବାର ପରମ୍ପରା ପ୍ରସ୍ତୁତ କରିଥିଲେ ଏବଂ ସାହିତ୍ୟକୃତିର ଅଧ୍ୟୟନ ମଧ୍ୟରେ ଅନେକ ସାମଞ୍ଜସ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ଏଥିରେ କୌଣସି ସନ୍ଦେହ ନାହିଁ ଯେ, ରୋମାନ୍ ଦାର୍ଶନିକ କ୍ୱିଣ୍ଟିଲିଅନ (Quintillion) ଏହି ଚିନ୍ତାରେ ଅଗ୍ରଣୀ ଥିଲେ, କିନ୍ତୁ ଲଙ୍ଗିନସ୍ (Longinus) ତୁଳନାତ୍ମକ ଅଧ୍ୟୟନକୁ ଶୃଙ୍ଖଳିତ ଭାବରେ ସ୍ଥାପିତ କରିବାକୁ ଚେଷ୍ଟା କରିଥିଲେ । ଭାରତୀୟ ତୁଳନାତ୍ମକ ଦୃଷ୍ଟିକୋଣରେ ସଂସ୍କୃତ ସମାଲୋଚକମାନେ ଖ୍ରୀଷ୍ଟୀୟ ଷଷ୍ଠ ଶତାବ୍ଦୀରେ ଉଭା ହୋଇଥିଲେ । କାଳିଦାସଙ୍କ "ମେଘଦୂତମ୍" ଓ "ଅଭିଜ୍ଞାନସାକୁନ୍ତଳମ୍" ସମ୍ପର୍କିତ ମନ୍ତବ୍ୟରୁ ଏହା ସ୍ପଷ୍ଟ ହୋଇଛି । ଏହାପରେ କୁନ୍ତକ ଓ ଅଭିନବଗୁପ୍ତଙ୍କ ଭଳି ସମାଲୋଚକମାନେ ନିଜର ଗୁଣାତ୍ମକ ଆଭିମୁଖ୍ୟ ବଳରେ ଆଧୁନିକ ତୁଳନାକାରୀଙ୍କ ପାଇଁ ବାଟ ପ୍ରଶସ୍ତ କରିଥିଲେ ।

ନବଜାଗରଣ ପରେ ଫ୍ରାନ୍ସରେ ୧୮୨୯ ମସିହାରେ ଭିଲେମେଁ (Villemain)ଙ୍କ ଦ୍ୱାରା ସର୍ବପ୍ରଥମେ ତୁଳନାତ୍ମକ ସାହିତ୍ୟର ସମଧର୍ମୀ ଶବ୍ଦ ଭାବରେ 'Litterature Comaparee'କୁ ଗ୍ରହଣ କରାଯାଇଥିଲା । କହିବା ବାହୁଲ୍ୟ ଯେ, ସର୍ବପ୍ରଥମେ ଫ୍ରାନ୍ସରେ ହିଁ ବିଶ୍ୱବିଦ୍ୟାଳୟ ସ୍ତରରେ ତୁଳନାତ୍ମକ ସାହିତ୍ୟ ଅଧ୍ୟୟନର ପ୍ରଚେଷ୍ଟା ଆରମ୍ଭ ହୋଇଥିଲା । ପରେ ମାଥ୍ୟୁ ଆରନୋଲ୍ଡ (Matthew

Arnold) ଇଂରାଜୀ ଜଗତରେ ଅର୍ଥପୂର୍ଣ୍ଣ ପ୍ରୟାସ କରିଥିଲେ ଏବଂ ସାହିତ୍ୟକୃତି ପ୍ରତି ତୁଳନାତ୍ମକ ଆଭିମୁଖ୍ୟର ଗୁରୁତ୍ୱ ଉପରେ ଦୃଢ଼ ଭାବରେ ଗୁରୁତ୍ୱ ଆରୋପ କରିଥିଲେ । ୧୮୪୮ ମସିହାରେ ସେ ଏକ ଚିଠିରେ ଲେଖିଥିଲେ, "Every critic should try and possess one great literature at least besides his own and more the unlike his own, the better." (Dhawan, R.K. (ed), *Comparative Literature,* New Delhi, Behari Publication, ୧୯୮୭ ପୃ. ୨୨) ସେ ଇଂଲଣ୍ଡରେ ତୁଳନାତ୍ମକ ସମାଲୋଚନାର ନେତୃତ୍ୱ ନେଇଥିଲେ ଏବଂ ଅନ୍ୟ ସମାଲୋଚକମାନଙ୍କୁ ଏହି ନୂତନ ଶୃଙ୍ଖଳା ଉପରେ କାମ କରିବାକୁ ପ୍ରେରଣା ଦେଇଥିଲେ । ସାହିତ୍ୟ କ୍ଷେତ୍ରରେ ଯେଉଁ ସୃଜନଶୀଳ ଲେଖକଙ୍କ କୃତିର ବିଶ୍ୱସ୍ତରୀୟ ମାନ୍ୟତା ରହିଛି, ସେମାନଙ୍କ ରଚନାକୁ ତୁଳନାତ୍ମକବାଦୀ ରଚନା ଭାବରେ ଗ୍ରହଣ କରିବା ଉଚିତ୍ ବୋଲି ସେ ମତ ପ୍ରକାଶ କରିଥିଲେ । ସେଥିପାଇଁ ଏଜ୍ରା ପାଉଣ୍ଡ ଏବଂ ଟି.ଏସ୍ ଏଲିୟଟ୍ ସାର୍ବଜନୀନ ବିଶ୍ୱ କବିତାର ମାନଦଣ୍ଡ ବା ସର୍ବାଧିକ ଉତ୍କର୍ଷ କୃତି ଉପରେ କବିତାର ସମାଲୋଚନା କରିବାକୁ ଆହ୍ୱାନ ଦେଇଥିଲେ । ଏହି ପ୍ରକାର ଆଭିମୁଖ୍ୟ ସାହିତ୍ୟର ତୁଳନାତ୍ମକ ଅଧ୍ୟୟନକୁ ଆନ୍ତର୍ଜାତିକ ସ୍ତରକୁ ନେବାରେ ବିଶେଷ ସହାୟକ ହୋଇଥିଲା। ଜର୍ମାନ୍ ପଣ୍ଡିତମାନେ ତୁଳନାତ୍ମକ ସାହିତ୍ୟ ପାଇଁ "Vergleichende Literature geschichte' ଶବ୍ଦର ବ୍ୟବହାର କଲେ । ଏହି ଶବ୍ଦଟି ପ୍ରକୃତରେ ସାହିତ୍ୟ ବା ଆନ୍ଦୋଳନ, ଚିତ୍ର ଓ କୃତିର ଆନୁଷ୍ଠାନିକ ତୁଳନାକୁ ବୁଝାଏ । ବିଂଶ ଶତାବ୍ଦୀରେ ଫ୍ରାନ୍ସରେ ଏହାର ଆବିର୍ଭାବ ପରଠାରୁ ତୁଳନାତ୍ମକ ସାହିତ୍ୟ ସମଗ୍ର ବିଶ୍ୱରେ ପ୍ରସାରିତ ହେଲା । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ତୁଳନାତ୍ମକ ସାହିତ୍ୟ ବିଶେଷ କରି ଆମେରିକା ଓ ଜର୍ମାନୀ ତଥା ସମଗ୍ର ୟୁରୋପରେ ଏକ ଶୃଙ୍ଖଳା ରୂପେ ଦ୍ରୁତ ଗତିରେ ବିକଶିତ ହୋଇଥିଲା ।

ତୁଳନାତ୍ମକ ସାହିତ୍ୟ, ଏକକ ସାହିତ୍ୟ ଅଧ୍ୟୟନଠାରୁ ପଦ୍ଧତିରେ ସମ୍ପୂର୍ଣ୍ଣ ଭାବରେ ବିଚ୍ଛିନ୍ନ ନୁହେଁ । କେତେକାଂଶରେ ଏକକ ସାହିତ୍ୟରେ ଅନୁସନ୍ଧାନର ପଦ୍ଧତି ଯାହା, ତୁଳନାତ୍ମକ ସାହିତ୍ୟରେ ମଧ୍ୟ ଠିକ୍ ତାହା । ଭିନ୍ନତା କେବଳ ବିଷୟବସ୍ତୁ , ଦୃଷ୍ଟିଭଙ୍ଗୀ, ଅଧ୍ୟୟନର ପରିସର ଓ ଦିଗ ମଧ୍ୟରେ ରହିଛି । ତୁଳନାତ୍ମକ ସାହିତ୍ୟ ଅଧ୍ୟୟନର ସୀମାକୁ ସେପର୍ଯ୍ୟନ୍ତ ବ୍ୟାପକରୁ ବ୍ୟାପକତର କରାଯାଇପାରେ, ଯେପର୍ଯ୍ୟନ୍ତ ବିଶ୍ୱର ସମୁଦାୟ ସାହିତ୍ୟ ତା'ର ଆକଳନ ପରିସରଭୁକ୍ତ ନ ହୋଇଛି । ଭାରତୀୟ କ୍ଷେତ୍ରରେ ତୁଳନାତ୍ମକ ଅଧ୍ୟୟନ କାହିଁକି ଅପରିହାର୍ଯ୍ୟ ତାହା ଅମୀୟ ଦେବ ତାଙ୍କ ନିବନ୍ଧ "Towards Comparative Indian Literature"ରେ ସ୍ପଷ୍ଟ ଭାବରେ ବୁଝାଇଛନ୍ତି । ତାଙ୍କ ମତରେ, "Comparison is right reason for us because, one, we are multilingual and two, are third world." (Koshy, K.A., Ed, *Towards Comparative Indian Literature,* dept. of Modern Indian Language, Aligarh Muslim University, 1987, pp. 19) ତେବେ ଭାରତ ଭଳି ବହୁଭାଷୀ ତଥା ବହୁ ସଂସ୍କୃତିର ରାଷ୍ଟ୍ରରେ ସାହିତ୍ୟର ତୁଳନାତ୍ମକ ଅ୍ଧ୍ୟୟନ ଏକ ଗୁରୁତ୍ୱପୂର୍ଣ୍ଣ ବ୍ୟାପାର ଅଟେ କାରଣ ଯେଉଁଠି ବିବିଧତା ଯେତେ ବ୍ୟାପକ ସେଠି ତୁଳନାତ୍ମକ ଅଧ୍ୟୟନ ସେତେ ସଫଳ ଅଟେ ।

ତୁଳନାତ୍ମକ ସାହିତ୍ୟର କେତେଗୁଡିଏ ପ୍ରତିଦ୍ୱନ୍ଦ୍ୱୀ ପରିଭାଷା ରହିଛି ଯଥା, ଜାତୀୟ ସାହିତ୍ୟ (National Literature), ସାଧାରଣ ସାହିତ୍ୟ (General Literature), ବିଶ୍ୱ ସାହିତ୍ୟ (World Literature), ମହାଦେଶୀୟ ସାହିତ୍ୟ (Continental Literature), ଆନ୍ତର୍ଜାତିକ ସାହିତ୍ୟ (International Literature) ଓ ସାର୍ବଜନୀନ ସାହିତ୍ୟ (Universal Literature) ଇତ୍ୟାଦି । ତତ୍‌ସହିତ ଜର୍ମାନ୍ କବି ଗୋଏଥେ (Geothe)ଙ୍କ ଆଲୋଚନାରେ 'Welt Literature' ଓ ବିଂଶ ଶତାବ୍ଦୀରେ ପ୍ରଥମେ ଜର୍ମାନୀରେ ଏକ ସାହିତ୍ୟ ତତ୍ତ୍ୱ ଅର୍ଥରେ ବ୍ୟବହୃତ ସାଧାରଣ ସାହିତ୍ୟ (Allgemeine Literature) ମଧ୍ୟ ଏହାର ଅନ୍ତର୍ଭୁକ୍ତ ଅଟେ । କହିବା ବାହୁଲ୍ୟ ଯେ, ପଲ୍ ଭନ୍ ଟିଗହାମ୍ (Paul Von Tieghem) ୧୯୨୧ରେ 'ସାଧାରଣ ସାହିତ୍ୟ' (Allgemeine Literature) ଶବ୍ଦ ବ୍ୟବହାର କରି ନୂତନ ଅର୍ଥରେ ଏହାକୁ ତୁଳନାତ୍ମକ ସାହିତ୍ୟଠାରୁ ପୃଥକ୍ କରିଥିଲେ । ତାଙ୍କ ମତରେ ଯେତେବେଳେ ଦୁଇ ବା ତହିଁରୁ ଅଧିକ ଜାତିର ସାହିତ୍ୟ ମଧ୍ୟରେ ଥିବା ପାରସ୍ପରିକ ସମ୍ପର୍କର ଅଧ୍ୟୟନ ହୁଏ, ସେତେବେଳେ ତାହାକୁ ତୁଳନାତ୍ମକ ସାହିତ୍ୟ କୁହାଯାଏ ଏବଂ ଜାତୀୟ ସୀମାରେଖାର ବହିର୍ଭୂତ ସାହିତ୍ୟିକ ଆନ୍ଦୋଳନ ବା ଶୈଳୀର ଅଧ୍ୟୟନକୁ ସାଧାରଣ ସାହିତ୍ୟ କୁହାଯାଏ । ବିଭିନ୍ନ ଦ୍ୱନ୍ଦ୍ୱମୂଳକ ପରିଭାଷାକୁ ଦୃଷ୍ଟିରେ ରଖି ଫ୍ରାନ୍ସ ଗବେଷକ ପଲ୍ ଭାନ୍ ଟିଗହାମଙ୍କ ଦ୍ୱାରା ବିକଶିତ ତୁଳନାତ୍ମକ ସାହିତ୍ୟର ସଂଜ୍ଞାକୁ ସାର୍ଥକ ଭାବରେ ଗ୍ରହଣ କରାଯାଇପାରେ । ତାଙ୍କ ମତରେ ଜାତୀୟ ସାହିତ୍ୟ, ତୁଳନାତ୍ମକ ସାହିତ୍ୟ ଓ ସାଧାରଣ ସାହିତ୍ୟ ତିନୋଟି ସ୍ତରର ପ୍ରତିନିଧିତ୍ୱ କରନ୍ତି । ଜାତୀୟ ସ୍ତର ମଧ୍ୟରେ ଥିବା ପ୍ରସଙ୍ଗଗୁଡ଼ିକୁ **ଜାତୀୟ ସାହିତ୍ୟ** ଅଧ୍ୟୟନ କରେ । **ତୁଳନାତ୍ମକ ସାହିତ୍ୟ** ଦୁଇଟି ଭିନ୍ନ ଜାତୀୟ ସାହିତ୍ୟର ପ୍ରସଙ୍ଗଗୁଡ଼ିକୁ ଅ୍ଧ୍ୟୟନ କରେ ଯଦ୍ୱାରା ତୁଳନାତ୍ମକ ସାହିତ୍ୟ ଅଧ୍ୟୟନରେ ଜାତୀୟ ସାହିତ୍ୟ ସର୍ବେକ୍ଷଣର ବିଶେଷ ଏକକ ଭାବରେ କାର୍ଯ୍ୟ କରେ ଏବଂ **ସାଧାରଣ ସାହିତ୍ୟ** ବହୁ ସଂଖ୍ୟକ ଦେଶର ସାହିତ୍ୟର ଏକତ୍ର ଅନୁଶୀଳନ ଓ ବିକାଶ ପାଇଁ ସହାୟକ ହୁଏ। କିନ୍ତୁ ଏହା ସତ ଯେ ଜାତୀୟ ସାହିତ୍ୟ, ତୁଳନାତ୍ମକ ସାହିତ୍ୟ ଏବଂ ବିଶ୍ୱ ସାହିତ୍ୟ ଅଥବା

ସାଧାରଣ ସାହିତ୍ୟ ମଧ୍ୟରେ ଚୂଡ଼ାନ୍ତ ବିଭାଜନ ପ୍ରୟୋଗ କରିବା ଏତେ ସହଜ ନୁହେଁ ଏବଂ ଏହା ବ୍ୟବହାରିକ ଭାବରେ ମଧ୍ୟ ଅବାଞ୍ଛିତ ଅଟେ । ଅତଏବ ପରବର୍ତ୍ତୀ କାଳରେ ବିଶ୍ୱସାହିତ୍ୟ, ସାଧାରଣ ସାହିତ୍ୟ ସମେତ ଅନ୍ୟାନ୍ୟ ପ୍ରତିଦ୍ୱନ୍ଦୀ ପରିଭାଷାଗୁଡ଼ିକ ବଦଳରେ ତୁଳନାତ୍ମକ ସାହିତ୍ୟ ବା comparative literature ପରିଭାଷା ହିଁ ସର୍ବସମ୍ମତ ଭାବରେ ଗୃହୀତ ହୋଇଛି ।

ତୁଳନାତ୍ମକ ସାହିତ୍ୟର ବିଭିନ୍ନ ସମ୍ପ୍ରଦାୟ (Different Schools of comparative literature):

ତୁଳନାତ୍ମକ ସାହିତ୍ୟ ବିଂଶ ଶତାବ୍ଦୀ ଆରମ୍ଭରୁ କ୍ରମଶଃ ବିଦ୍ୱାନମାନଙ୍କ ମଧ୍ୟରେ ପ୍ରାଧାନ୍ୟ ଲାଭ କରିଆସିଛି । ଦୀର୍ଘ ଏକ ଶହ ବର୍ଷ ମଧ୍ୟରେ ନାନା ବିରୋଧ ସତ୍ତ୍ୱେ ଏ ସାହିତ୍ୟ ଅଧ୍ୟୟନ ପ୍ରତି ଶ୍ରଦ୍ଧା ବୃଦ୍ଧି ପାଇଛି । ତୁଳନାତ୍ମକ ସାହିତ୍ୟ ଅଧ୍ୟୟନର ପରିସରକୁ ଦୃଷ୍ଟିରେ ରଖି ଏହାର ଅଧ୍ୟୟନ ଦିଗ ଭିନ୍ନ ଭିନ୍ନ ବିଶାରଦଙ୍କ ଦ୍ୱାରା ଭିନ୍ନ ଭାବରେ ନିର୍ଦ୍ଧାରିତ ହୋଇଛି । କେତେକ ଆଲୋଚକ ଇତିହାସ ତତ୍ତ୍ୱ ଉପରେ ଗୁରୁତ୍ୱ ଦେଉଥିବା ବେଳେ ଅନ୍ୟ କେତେକ ସୌନ୍ଦର୍ଯ୍ୟ ତତ୍ତ୍ୱ ଓ ଅର୍ଥମୀମାଂସା ଉପରେ ଗୁରୁତ୍ୱ ଦେଇଛନ୍ତି । କିନ୍ତୁ ଫ୍ରାନ୍ସ, ଜର୍ମାନ୍ ଓ ଆମେରିକାର କେତେକ ଆଲୋଚକ ମନେକରନ୍ତି ଯେ, ସାହିତ୍ୟ ସୃଷ୍ଟିର କୌଣସି ସ୍ତରରେ ଇତିହାସ ତତ୍ତ୍ୱ ଓ ସୌନ୍ଦର୍ଯ୍ୟ ତତ୍ତ୍ୱ ଏକ ଓ ଅଭିନ୍ନ ମନେହୁଅନ୍ତି । ଊନବିଂଶ ଶତାବ୍ଦୀର ପ୍ରତ୍ୟକ୍ଷବାଦକୁ ଆଧାର କରି 'ରାସୀ ତୁଳନାବାଦ ଗଢିଥିବା ଲକ୍ଷ୍ୟ କରାଯାଏ । ଅନ୍ୟ ପକ୍ଷରେ ତୁଳନାତ୍ମକ ସାହିତ୍ୟର ଆମେରିକୀୟ ସମ୍ପ୍ରଦାୟ ସାହିତ୍ୟ ସମୀକ୍ଷା କ୍ଷେତ୍ରରେ ତୁଳନାତ୍ମକ ସାହିତ୍ୟକୁ ଏକ ବୈଧ ଅଙ୍ଗ ଭାବରେ ସ୍ୱୀକାର କରିଛନ୍ତି । ଫଳରେ ତୁଳନାତ୍ମକ ଅଧ୍ୟୟନ କ୍ଷେତ୍ରରେ ବିଭିନ୍ନ ମତବାଦକୁ ଆଧାର କରି ସ୍ୱତନ୍ତ୍ର ସମ୍ପ୍ରଦାୟଗୁଡ଼ିକ (Schools) ଗଢି ଉଠିଛି । ଏହି ସମ୍ପ୍ରଦାୟଗୁଡ଼ିକର ନିଜସ୍ୱ ସିଦ୍ଧାନ୍ତରୁ ତୁଳନାତ୍ମକ ସାହିତ୍ୟର ବିଭିନ୍ନ ଉପାଦାନ ଓ ଅଧ୍ୟୟନ କ୍ଷେତ୍ର ପ୍ରାଧାନ୍ୟ ଲାଭ କରି ଏହାର ବ୍ୟାପକ ଆଲୋଚନାରେ ସହାୟକ ହୋଇଛି ।

'ରାସୀ-ଜର୍ମାନୀ ସମ୍ପ୍ରଦାୟ (French-German School):

ଉଲରିଚ୍ ବାଇଷ୍ଟାଇନ୍(Ulrich Weinstein) ତାଙ୍କ "Comparative literature and Literary Theory" ପୁସ୍ତକରେ ବିଭିନ୍ନ ସମ୍ପ୍ରଦାୟ ଆଧାରରେ ତୁଳନାତ୍ମକ ସାହିତ୍ୟକୁ ଦୁଇଟି ଶ୍ରେଣୀରେ ବିଭକ୍ତ କରିଛନ୍ତି । ଯଥା- ପରମ୍ପରାବାଦୀ ତୁଳନାତ୍ମକ ଅଧ୍ୟୟନ ଓ ଉଦାରବାଦୀ ତୁଳନାତ୍ମକ ଅଧ୍ୟୟନ । ଏଥିରେ ସେ ଫରାସୀ-ଜର୍ମାନୀ ସମ୍ପ୍ରଦାୟର ବିଦ୍ୱାନମାନଙ୍କୁ ପରମ୍ପରାବାଦୀ ଭାବରେ ଆଲୋଚନା କରିଛନ୍ତି । ପାଲ୍ ଭନ୍ ଟିଗହାମ୍ (Paul Van Tieghem), ଜାଁ-ମେରି କାରେ (Jean-Marie Care) ଓ ମାରିଅସ୍ ଫ୍ରାନ୍କୋଇସ୍ ଗାର୍ଡ୍ (Marius Fancois Guyard) ଏମାନେ 'ରାସୀ-ଜର୍ମାନୀ ସମ୍ପ୍ରଦାୟର ପରମ୍ପରାବାଦୀ ବିଦ୍ୱାନ ଅଟନ୍ତି । ଊନବିଂଶ ଶତାବ୍ଦୀରେ ପ୍ରଥମେ ଜର୍ମାନୀରେ ସାଧାରଣ ସାହିତ୍ୟ (Allgemeine Literature) ଏକ ସାହିତ୍ୟ ତତ୍ତ୍ୱ ଅର୍ଥରେ ବ୍ୟବହୃତ ହୋଇଥିଲା । ପଲ୍ ଭନ୍ ଟିଗହାମ୍ (Paul Von Tieghem) ୧୯୨୧ରେ ଏହି ଶବ୍ଦର ବ୍ୟବହାର କରି ନୂତନ ଅର୍ଥରେ ଏହାକୁ ତୁଳନାତ୍ମକ ସାହିତ୍ୟଠାରୁ ପୃଥକ କରିଥିଲେ । ତାଙ୍କ ମତରେ ତୁଳନାତ୍ମକ ସାହିତ୍ୟ ଦୁଇଟି ଉପାଦାନ ମଧ୍ୟରେ ଦ୍ୱିପାକ୍ଷିକ (Binary) ପାରସ୍ପରିକ ସମ୍ବନ୍ଧ ଅଧ୍ୟୟନ ଉପରେ ଗୁରୁତ୍ୱ ଦିଏ, ଯାହା ଜାତୀୟ ସ୍ତରରେ ଦୁଇଟି ବ୍ୟକ୍ତିଗତ କୃତି, ସ୍ରଷ୍ଟା କିମ୍ବା ଲେଖକ ଗୋଷ୍ଠୀ ହୋଇପାରେ । ଅପରପକ୍ଷେ, ତିନି କିମ୍ବା ଅଧିକ ଉପାଦାନ ବା ଲେଖକଙ୍କୁ ନେଇ ଗଠିତ ସାହିତ୍ୟିକ ଘଟଣା 'ସାଧାରଣ ସାହିତ୍ୟ' ଅଧୀନରେ ଆସିଥାଏ । ଅନ୍ୟ ଅର୍ଥରେ ଯେତେବେଳେ ଦୁଇଟି ଜାତୀୟ ସାହିତ୍ୟ ମଧ୍ୟରେ ଥିବା ପାରସ୍ପରିକ ସମ୍ପର୍କର ଅଧ୍ୟୟନ ହୁଏ, ସେତେବେଳେ ତାହାକୁ ତୁଳନାତ୍ମକ ସାହିତ୍ୟ କୁହାଯିବ ଏବଂ ଜାତୀୟ ସୀମାରେଖାର ବହିର୍ଭୂତ ଦୁଇରୁ ଅଧିକ ସାହିତ୍ୟିକ ଆନ୍ଦୋଳନ ବା ଶୈଳୀର ଅଧ୍ୟୟନକୁ କୁହାଯିବ ସାଧାରଣ ସାହିତ୍ୟ । ତୁଳନାତ୍ମକ ସାହିତ୍ୟକୁ ଯେଉଁ ଦୃଷ୍ଟିକୋଣ ନେଇ ସେ ବ୍ୟାଖ୍ୟା କରିବାକୁ ପ୍ରୟାସ କରିଥିଲେ ସେଥିରେ ଉଗ୍ରଜାତୀୟତାବାଦ (Nationalism) ଓ ଦ୍ୱିଧାରୀୟ ଅଧ୍ୟୟନ (Binary Study) ହିଁ ଗୁରୁତ୍ୱ ଦିଆଯାଇଥିଲା । ଏହି ସମ୍ପ୍ରଦାୟର ବିଦ୍ୱାନମାନେ ତୁଳନାତ୍ମକ ସାହିତ୍ୟ ଅଧ୍ୟୟନରେ 'ସାହିତ୍ୟିକ ଇତିହାସ' ଉପରେ ଅଧିକ ଗୁରୁତ୍ୱ ଦେଇଛନ୍ତି । ସେମାନଙ୍କ ମତରେ ତୁଳନାତ୍ମକ ସାହିତ୍ୟ ଇତିହାସସମ୍ମତ ଅନୁଶାସନ । ଅନ୍ୟ ଅର୍ଥରେ ଏହି ସମ୍ପ୍ରଦାୟର ପଣ୍ଡିତମାନେ ତୁଳନାତ୍ମକ ସାହିତ୍ୟକୁ ସାହିତ୍ୟ ଇତିହାସର ଏକ ଶାଖା (Branch of Literary history) ଭାବରେ ଆଲୋଚନା କରିଥିଲେ । ପୁଣି ସେମାନେ ସାହିତ୍ୟରେ ଅନ୍ତର୍ନିହିତ ମୌଳିକ ଉପାଦାନ ଅପେକ୍ଷା ବାହ୍ୟ ଉତ୍ସ ଓ କାର୍ଯ୍ୟର ପ୍ରଭାବ (Influence)କୁ ହିଁ ବିଶ୍ଳେଷଣ କରିବାକୁ ଅଧିକ ଆଗ୍ରହ ପ୍ରକାଶ କରିଥିଲେ । ଏମାନଙ୍କ ମତରେ ତୁଳନାତ୍ମକ ସାହିତ୍ୟ ସହିତ କାବ୍ୟଶାସ୍ତ୍ରୀୟ ସୌନ୍ଦର୍ଯ୍ୟମୂଳକ ଅନୁଶାସନକୁ ଯୋଗ କରିବା ଠିକ୍ ନୁହେଁ । କାରଣ ବିଭିନ୍ନ ରାଷ୍ଟ୍ରର କବି, ସାହିତ୍ୟ କୃତି ଓ ପାଠକ ତଥା ତଥ୍ୟାତ୍ମକ ଚେତନା ସହିତ ଏହାର ସମ୍ପର୍କ ନାହିଁ । ଏଣୁ ଏହି ସମ୍ପ୍ରଦାୟରେ ତୁଳନାତ୍ମକ ସାହିତ୍ୟ ଅଧ୍ୟୟନ କ୍ଷେତ୍ର (Field of Study of Comparative Literature) ଭାବରେ ପ୍ରଭାବ (Influence), ପ୍ରେରଣା (Motivation), ଆହରଣ (Borrowing), ଅନୁକରଣ (Imitation), ଆଗମନ (Reception)କୁ ସର୍ବାଧିକ ପ୍ରାଧାନ୍ୟ ଦିଆଗଲା ।

ଆମେରିକୀୟ ସମ୍ପ୍ରଦାୟ (American School):

ଅପରପକ୍ଷରେ ଉଦାରବାଦୀ ତୁଳନାତ୍ମକ ଆଲୋଚକ ଭାବରେ ରେନେ ୱ୍ୱେଲେକ୍, ରୋମାକ୍, ଅଷ୍ଟିନ୍ ୱ୍ୱାରେନ୍ ଆଦି ବିଦ୍ୱାନଙ୍କୁ ଗ୍ରହଣ କରାଯାଇଛି । ଏମାନେ ସମସ୍ତେ ଥିଲେ ଆମେରିକୀୟ ସମ୍ପ୍ରଦାୟ ଅନ୍ତର୍ଗତ । ଏମାନେ ତୁଳନାତ୍ମକ ସାହିତ୍ୟ ଅଧ୍ୟୟନରେ କାବ୍ୟ ଶାସ୍ତ୍ରୀୟ ସୌନ୍ଦର୍ଯ୍ୟାତ୍ମକ (Aesthetic) ଦୃଷ୍ଟିକୁ ମହତ୍ତ୍ୱ ଦେଲେ। ଫ୍ରେଞ୍ଚ୍ ଦ୍ୱାରା ବ୍ୟବହୃତ ସମସ୍ତ ଭେଦଭାବକୁ ବାଦ୍ ଦେଇ ତୁଳନାତ୍ମକ ସାହିତ୍ୟ ଉପରେ ଆମେରିକୀୟ ଦୃଷ୍ଟିକୋଣ ଆରମ୍ଭରୁ ଆନ୍ତଃଶୃଙ୍ଖଳା (Interdisciplinary) ଓ ସାର୍ବଜନୀନତା (Universality)ର ଧାରଣା ଉପରେ ଆଧାରିତ ଥିଲା । ଆମେରିକୀୟମାନଙ୍କ ପାଇଁ, ତୁଳନାତ୍ମକ ସାହିତ୍ୟ ଅଧ୍ୟୟନ ଏକ ନିର୍ଦ୍ଦିଷ୍ଟ ଦେଶର ସୀମା ବାହାରେ ସାହିତ୍ୟରେ ସମାନ୍ତରାଳ ଅଧ୍ୟୟନ(Parallel Study) ସହିତ ଜଡ଼ିତ ଏକ ସୌନ୍ଦର୍ଯ୍ୟଶାସ୍ତ୍ର ଅଟେ । ମୁଖ୍ୟତଃ ଭାଷାଭିତ୍ତିକ ବା ରାଜନୈତିକ ସୀମାର ଆଲୋକରେ ସାହିତ୍ୟକୁ ବିଚାର କରିବା ଦ୍ୱାରା ସୃଷ୍ଟି ହୋଇଥିବା ଉଗ୍ର ଜାତୀୟତାବାଦକୁ ଦୂର କରିବା ଥିଲା ଏହାର ଉଦ୍ଦେଶ୍ୟ । ତୁଳନାତ୍ମକ ସାହିତ୍ୟରେ 'ପ୍ରଭାବ ନୀତି'(Influence) ପ୍ରତିଧ୍ୟାନ ନ ଦେବା ଏବଂ ସାହିତ୍ୟକୁ ବିଜ୍ଞାନ ଓ କଳା ସହିତ ସମ୍ବନ୍ଧିତ କରିବା, ସାହିତ୍ୟ ଗ୍ରନ୍ଥର ରାଜନୈତିକ ସୀମା ଅତିକ୍ରମ କରି ତୁଳନାତ୍ମକ ସାହିତ୍ୟକୁ ବିଶ୍ୱଦୃଷ୍ଟି ସମ୍ପନ୍ନ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଏଥିରେ ମୁଖ୍ୟତଃ ଦୁଇଟି ତୁଳନାତ୍ମକ ସାହିତ୍ୟ ଅଧ୍ୟୟନ କ୍ଷେତ୍ର ରହିଛି । ସେଗୁଡ଼ିକ ହେଉଛି ସମାନ୍ତରାଳତା (Parallelism) ଏବଂ ଆନ୍ତଃଶାସ୍ତ୍ରୀୟତା (Intertextuality) ଇତ୍ୟାଦି । 'ସମାନ୍ତରାଳତା' ପ୍ରଭାବ ନୀତିକୁ କୌଣସି ଗୁରୁତ୍ୱ ଦିଏ ନାହିଁ । ଆନ୍ତଃଶାସ୍ତ୍ରୀୟତା ବା ଇଣ୍ଟରଟେକ୍ସଚୁଆଲିଟିର ଅର୍ଥ ହେଉଛି ପୁରୁଣା ଗ୍ରନ୍ଥର ଆଲୋକରେ ସବୁବେଳେ ନୂଆ ରଚନାଗୁଡ଼ିକୁ ପାଠ କରିବା । ଏତଦ୍ ବ୍ୟତୀତ ପରବର୍ତ୍ତୀ ସମୟରେ ଉପମା (Analogy)କୁ ମଧ୍ୟ ଏକ ବିଶେଷ ଉପକରଣ ଭାବରେ ଏହି ସମ୍ପ୍ରଦାୟରେ ଗୁରୁତ୍ୱ ଦିଆଯାଇଛି । ଏହିସବୁ ସିଦ୍ଧାନ୍ତ ଆମେରିକୀୟ ସମ୍ପ୍ରଦାୟକୁ ଫ୍ରେ ସମ୍ପ୍ରଦାୟଠାରୁ ଭିନ୍ନ ଓ ସ୍ୱତନ୍ତ୍ର ଭାବରେ ଗୁରୁତ୍ୱ ପ୍ରଦାନ କରେ ।

ଋଷୀୟ ସମ୍ପ୍ରଦାୟ (Russian School):

୧୯୬୦ ଦଶକରେ ମସ୍କୋଠାରେ "Literary Connection and Mutual Influence" ଶୀର୍ଷକରେ ଅନୁଷ୍ଠିତ ସେମିନାର୍ ଫଳରେ ବିକଶିତ ହୋଇଥିବା ଋଷୀୟ ସମ୍ପ୍ରଦାୟ 'ପ୍ରଭାବ ଅଧ୍ୟୟନ'(Influence Study) ଏବଂ 'ସମାନ୍ତରାଳ ଅଧ୍ୟୟନ'(Parallel Study)ର ଏକ ମିଶ୍ରଣ ବୋଲି କୁହାଯାଇପାରେ। ଏହାର ଉଦ୍ଦେଶ୍ୟ ଥିଲା ଫ୍ରାନ୍ସ ଏବଂ ଆମେରିକୀୟ ବିଦ୍ୟାଳୟର ପକ୍ଷପାତକୁ ସୁଧାରିବା । ଋଷୀୟ ବିଦ୍ୟାଳୟ ଅନୁଯାୟୀ ଫ୍ରାନ୍ସ ଏବଂ ଆମେରିକୀୟ ସମ୍ପ୍ରଦାୟଗୁଡ଼ିକ ବ୍ୟାପକ ଜ୍ଞାନ କ୍ଷେତ୍ରରୁ ଆରମ୍ଭ ହୋଇଥିଲେ, କିନ୍ତୁ ସାହିତ୍ୟର ତୁଳନାତ୍ମକ ଦିଗ ସାମାଜିକ ଏବଂ ଐତିହାସିକ ପରିସ୍ଥିତି ସହିତ ଆଂଶିକ ଭାବରେ ଯୋଡ଼ି ହୋଇଥାଏ। ସାହିତ୍ୟର ତୁଳନା ସାମାଜିକ ଓ ଐତିହାସିକ ପୃଷ୍ଠଭୂମି ସହ ନିବିଡ଼ ଭାବେ ଜଡ଼ିତ ହେବା ଉଚିତ୍ ବୋଲି ଏହି ସମ୍ପ୍ରଦାୟ ଗୁରୁତ୍ୱାରୋପ କରିଥିଲା । ଋଷିଆର ବିଦ୍ୱାନ୍ ସମାଲୋଚକ ଇଟିଏମ୍ବଲ୍ (Etiamble) ଐତିହାସିକ ପଦ୍ଧତି ସହିତ ନାନ୍ଦନିକ ବିବର୍ତ୍ତନକୁ ଦୃଷ୍ଟିରେ ରଖି ତୁଳନାତ୍ମକ ଅଧ୍ୟୟନ କରାଯିବା ଉଚିତ୍ ବୋଲି କହିଛନ୍ତି । ତାଙ୍କ ମତରେ ଇତିହାସ ଓ ଐତିହାସିକ ପ୍ରାମାଣିକତା ସର୍ବଦା ପ୍ରଗତିଶୀଳ ନୁହେଁ । ପୁଣି ଏକକ ଭାବରେ ନନ୍ଦନତତ୍ତ୍ୱ ମଧ୍ୟ ସର୍ବଦା ପ୍ରତିକ୍ରିୟାଶୀଳ ନୁହେଁ । ତାଙ୍କ ମତରେ ବିଭିନ୍ନ ଦେଶର ସାହିତ୍ୟ ସକଳ ମାନବଜାତିର ଆଧ୍ୟାତ୍ମିକ ସମ୍ପତ୍ତି ରୂପେ ବିବେଚିତ ହେବା ଆବଶ୍ୟକ, ଯାହାଦ୍ୱାରା ବିଭିନ୍ନ ଦେଶର ଲୋକଙ୍କ ଭିତରେ ଆନ୍ତରିକ ବୁଝାମଣା ପ୍ରକାଶ ପାଇବ।

ଇ. ଜି. ନାପୋକୋଏଭା (E.G. Napokoeva)ଙ୍କ ମତରେ ତୁଳନାତ୍ମକ ସାହିତ୍ୟକୁ ବିଚାର କରିବାର ସର୍ବୋତ୍ତମ ପଦ୍ଧତି ହେଉଛି ମାର୍କ୍ସୀୟ ପଦ୍ଧତି । କାରଣ ଏହି ପଦ୍ଧତି ସାହିତ୍ୟ ପ୍ରତି ସାଧାରଣ ଲୋକଙ୍କ ଅବଦାନକୁ ନିରପେକ୍ଷ ଭାବରେ ବିଚାର କରିବା ଉପରେ ପର୍ଯ୍ୟବେଶିତ । ଋଷୀୟ ତୁଳନାତ୍ମକମାନେ ବିଶ୍ୱାସ କରନ୍ତି ଯେ ସାହିତ୍ୟ ଏକ ସାମାଜିକ ସମ୍ପତ୍ତି ଯଦିଓ ଏହା ଜଣେ ବ୍ୟକ୍ତିଗତ କଳାକାରଙ୍କ ଦ୍ୱାରା ସୃଷ୍ଟି କରାଯାଇଥାଏ । ସୃଜନଶୀଳ କଳାକାରମାନେ ସାମାଜିକ ଘଟଣାର ସାକ୍ଷୀ ହୁଅନ୍ତି ଏବଂ ସେମାନେ ଯାହା ଅନୁଭବ କରନ୍ତି ସାହିତ୍ୟ ରୂପେ ତାହାର ବାସ୍ତବ ବିବରଣୀ ଉପସ୍ଥାପନ କରନ୍ତି । ଋଷୀୟ ସମ୍ପ୍ରଦାୟରେ କେତେକ ମୁଖ୍ୟ ସିଦ୍ଧାନ୍ତ ବିକାଶ ଲାଭ କରିଥିଲେ ହେଁ, ଏହା ସାହିତ୍ୟର ସୌନ୍ଦର୍ଯ୍ୟ ଦିଗ, ମାନବ ମନର ସ୍ୱତଃସ୍ଫୂର୍ତ୍ତତା ଏବଂ ବ୍ୟକ୍ତିଗତ କଳାକାରଙ୍କୁ ଶ୍ରେୟ ଦେବାରେ କୁଣ୍ଠାବୋଧ କରେ । ଏଣୁ ଏହାକୁ ପରମ୍ପରାବାଦୀ ତୁଳନାତ୍ମକ ସମ୍ପ୍ରଦାୟ ଭାବରେ ବିଚାର କରାଯାଏ ।

ବ୍ରିଟିଶ୍ ସମ୍ପ୍ରଦାୟ (British School):

ଗ୍ରେଟ୍ ବ୍ରିଟେନରେ ତୁଳନାତ୍ମକ ସାହିତ୍ୟର ମୂଳ ଅନ୍ତତଃ ଊନବିଂଶ ଶତାବ୍ଦୀର ମଧ୍ୟଭାଗରୁ ପରିଲକ୍ଷିତ ହୋଇଛି । ୧୮୬୦ ଦଶକର ମଧ୍ୟଭାଗରୁ ବ୍ରିଟେନ୍ ଦେଶମାନଙ୍କରେ ତୁଳନାତ୍ମକ ସାହିତ୍ୟ ଉପରେ କେନ୍ଦ୍ରିତ ଏକାଡେମିକ୍ ଚେୟାର୍, ପତ୍ରିକା ଏବଂ ବିଭାଗ ପ୍ରତିଷ୍ଠା କରିବା ଗୁରୁତ୍ୱପୂର୍ଣ୍ଣ ଉନ୍ନତିର ଅନ୍ତର୍ଭୁକ୍ତ । ବ୍ରିଟେନରେ ତୁଳନାତ୍ମକ ସାହିତ୍ୟର ଭିତ୍ତିଭୂମିରେ ଯୋଗଦାନ କରିଥିବା ଉଲ୍ଲେଖନୀୟ ପଣ୍ଡିତମାନଙ୍କ ମଧ୍ୟରେ ମାଥ୍ୟୁ ଆରନୋଲ୍ଡ (Matthew Arnold), ଏଚ୍.ଏମ୍. ପୋସ୍ନେଟ୍ (Hutcheson Macaulay Posnett),

ହେନରୀ ହାଲାମ୍ (Henry Hallam) ଏବଂ ଏଲିନୋର ଶେଫର୍(Elinor Shaffer) ଇତ୍ୟାଦି ଅନ୍ୟତମ । ସର୍ବ ପ୍ରଥମେ ମାଥ୍ୟୁ ଆରନୋଲ୍ଡ ଇଂରାଜୀ ଜଗତରେ ତୁଳନାତ୍ମକ ଅଧ୍ୟୟନକୁ ନେଇ ଅର୍ଥପୂର୍ଣ୍ଣ ପ୍ରୟାସ କରିଥିଲେ ଏବଂ ସାହିତ୍ୟକୃତି ପ୍ରତି ତୁଳନାତ୍ମକ ଆଭିମୁଖ୍ୟର ଗୁରୁତ୍ୱ ଉପରେ ଦୃଢ଼ ଭାବରେ ଗୁରୁତ୍ୱ ଆରୋପ କରିଥିଲେ। ସେ ଇଂଲଣ୍ଡରେ ତୁଳନାତ୍ମକ ସମାଲୋଚନାର ନେତୃତ୍ୱ ନେଇଥିଲେ ଏବଂ ଅନ୍ୟ ସମାଲୋଚକମାନଙ୍କୁ ଏହି ନୂତନ ଶୃଙ୍ଖଳା ଉପରେ କାମ କରିବାକୁ ପ୍ରେରଣା ଦେଇଥିଲେ । ସାହିତ୍ୟ କ୍ଷେତ୍ରରେ ଯେଉଁ ସୃଜନଶୀଳ ଲେଖକଙ୍କ କୃତିର ବିଶ୍ୱସ୍ତରୀୟ ମାନ୍ୟତା ରହିଛି, ସେମାନଙ୍କ ରଚନାକୁ ତୁଳନାତ୍ମକବାଦୀ ରଚନା ଭାବରେ ଗ୍ରହଣ କରିବା ଉଚିତ୍ ବୋଲି ସେ ମତ ପ୍ରକାଶ କରିଥିଲେ । ସେଥିପାଇଁ ଏଜ୍ରା ପାଉଣ୍ଡ୍ ଏବଂ ଟି.ଏସ୍ ଏଲିୟଟ୍ ସାର୍ବଜନୀନ ବିଶ୍ୱ-କବିତାର ମାନଦଣ୍ଡ ବା ସର୍ବାଧିକ ଉତ୍କର୍ଷ କୃତି ଉପରେ କବିତାର ସମାଲୋଚନା କରିବାକୁ ଆହ୍ୱାନ ଦେଇଥିଲେ। ଏହି ପ୍ରକାର ଆଭିମୁଖ୍ୟ ସାହିତ୍ୟର ବ୍ରିଟିଶ ଅଞ୍ଚଳରୁ ତୁଳନାତ୍ମକ ଅଧ୍ୟୟନକୁ ଆନ୍ତର୍ଜାତିକ ସ୍ତରକୁ ନେବାରେ ବିଶେଷ ସହାୟକ ହୋଇଥିଲା।

ବ୍ରିଟିଶ ତୁଳନାତ୍ମକ ସାହିତ୍ୟ ସଂଘ ବା The British Comparative Literature Association (BCLA) ତୁଳନାତ୍ମକ ଅଧ୍ୟୟନକୁ ପ୍ରୋତ୍ସାହିତ କରିବା, ଏହାର ସଦସ୍ୟମାନଙ୍କ ମଧ୍ୟରେ ଆଲୋଚନାକୁ ପ୍ରୋତ୍ସାହିତ କରିବା ଏବଂ କାର୍ଯ୍ୟକ୍ରମ ଆୟୋଜନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା । ଏହି କ୍ଷେତ୍ରରେ ସାମ୍ପ୍ରତିକ ଆହ୍ୱାନଗୁଡ଼ିକ (Challenges) ମଧ୍ୟରେ ବିଦେଶୀ ଭାଷା ଅଧ୍ୟୟନର ଅବକ୍ଷୟ ଏବଂ ଇଂରାଜୀ ସାହିତ୍ୟର କେନ୍ଦ୍ରୀକରଣ ଅନ୍ତର୍ଭୁକ୍ତ, ଯାହା ସାଂସ୍କୃତିକ ଏବଂ ଭାଷାଗତ ଏକତା ଉପରେ ପର୍ଯ୍ୟବେଶିତ ଥିଲା । ଏହି ସମ୍ପ୍ରଦାୟ ଅନୁସାରେ ତୁଳନାତ୍ମକ ସାହିତ୍ୟ ବିଶ୍ୱସ୍ତରୀୟ ସାହିତ୍ୟ ଅଧ୍ୟୟନ ଏବଂ ଉତ୍ତର-ଔପନିବେଶିକ ବିତର୍କ ସହିତ ଜଡିତ, ଯାହାର ଉଦ୍ଦେଶ୍ୟ ଜାତୀୟ ସୀମା ଅତିକ୍ରମ କରିବା ଏବଂ ସାହିତ୍ୟ ବିଦ୍ୟା ମଧ୍ୟରେ ଆନ୍ତଃବିଭାଗୀୟ (Inter-disciplinary) ଆଭିମୁଖ୍ୟକୁ ପ୍ରୋତ୍ସାହିତ କରିବା ।

ଭାରତୀୟ ସମ୍ପ୍ରଦାୟ (Indian School):

ଭାରତ ଏକ ବହୁ ଭାଷାଭାଷୀ ଦେଶ ଯେଉଁଠି ପ୍ରାୟ ସମସ୍ତ ପ୍ରମୁଖ ଭାଷାରେ ଉତ୍ତମ ସୃଜନଶୀଳ ସାହିତ୍ୟ ଉତ୍ପନ୍ନ ହୁଏ । ତେଣୁ ପୃଥିବୀର ଅନ୍ୟ କୌଣସି ଦେଶ ତୁଳନାରେ ଭାରତକୁ ତୁଳନାତ୍ମକ ସାହିତ୍ୟ ଅଧ୍ୟୟନର ସର୍ବାଧିକ ଆବଶ୍ୟକତା ରହିଛି । ଯାଦବପୁର ବିଶ୍ୱବିଦ୍ୟାଳୟରେ ତୁଳନାତ୍ମକ ସାହିତ୍ୟ ପ୍ରଚଳନ ହେବା ପରଠାରୁ ଏହା ଭାରତରେ ଏକ ଶକ୍ତିଶାଳୀ ବିଭାଗ ଭାବେ ଉଭା ହେଉଛି । ତୁଳନାତ୍ମକ ସାହିତ୍ୟର 'ରାସୀ, ଆମେରିକୀୟ ଓ ଋଷୀୟ ବିଦ୍ୟାଳୟ ପରେ ଭାରତୀୟ ତୁଳନାତ୍ମକ ସାହିତ୍ୟବିତ୍‌ମାନେ ଖୁବ୍ ଗୁରୁତ୍ୱପୂର୍ଣ୍ଣ ମତ ଉପସ୍ଥାପନ କରିଛନ୍ତି ।

୧୯୫୬ ମସିହାରେ ଯାଦବପୁର ବିଶ୍ୱବିଦ୍ୟାଳୟରେ ଲୋକପ୍ରିୟ ବଙ୍ଗଳା କବି, ଔପନ୍ୟାସିକ ଓ ସମାଲୋଚକ ଡକ୍ଟର ବୁଦ୍ଧଦେବ ବୋଷଙ୍କ ଦ୍ୱାରା ଭାରତୀୟ ତୁଳନାତ୍ମକ ସାହିତ୍ୟ ବିଦ୍ୟାଳୟ ପ୍ରତିଷ୍ଠା କରାଯାଇଥିଲା । ପ୍ରବଳ ବିରୋଧ ମଧ୍ୟରେ ସେ ଯାଦବପୁର ବିଶ୍ୱବିଦ୍ୟାଳୟରେ ତୁଳନାତ୍ମକ ସାହିତ୍ୟ ବିଭାଗ ପ୍ରତିଷ୍ଠା କରିଥିଲେ । ଏହା ସହ ତୁଳନାତ୍ମକ ସାହିତ୍ୟ ଉପରେ ବିରଳ ପ୍ରବନ୍ଧ ବହନ କରୁଥିବା *The Jadavpur Journal of Comparative Literature* ନାମକ ଏକ ପ୍ରତିଷ୍ଠିତ ପତ୍ରିକାର ସେ ସମ୍ପାଦନା କରିଥିଲେ । ଏଣୁ ଯଥାର୍ଥରେ ତାଙ୍କୁ ଭାରତରେ ତୁଳନାତ୍ମକ ସାହିତ୍ୟର ପ୍ରବକ୍ତା ବୋଲି କୁହାଯାଇପାରେ । ମୂଳତଃ ତୁଳନାତ୍ମକ ସାହିତ୍ୟ ବିଭାଗ ବଙ୍ଗଳା କବିତା ଉପରେ ଊନବିଂଶ ଶତାବ୍ଦୀର 'ରାସୀ ପ୍ରତୀକବାଦୀ କବିତାର ପ୍ରଭାବ ଅଧ୍ୟୟନରୁ ଆରମ୍ଭ ହୋଇଥିଲା । ପରବର୍ତ୍ତୀ ସମୟରେ ଏହି ଅଧ୍ୟୟନକୁ ଅନ୍ୟାନ୍ୟ କ୍ଷେତ୍ର ଓ ଲେଖକମାନଙ୍କ ପାଇଁ ବିସ୍ତାର କରାଯାଇଥିଲା ।

ଭାରତୀୟ ତୁଳନାତ୍ମକ ସାହିତ୍ୟ ସମ୍ପ୍ରଦାୟରେ ଆମେରିକୀୟ ତୁଳନାତ୍ମକ ସାହିତ୍ୟ ସଂପ୍ରଦାୟ ପରି ଉଦାରବାଦୀ ଦୃଷ୍ଟିଭଙ୍ଗୀ ପରିଲକ୍ଷିତ ହୁଏ । ଏଠାରେ ପଣ୍ଡିତମାନେ ଗୋଟିଏ ସାହିତ୍ୟରୁ ଅନ୍ୟ ସାହିତ୍ୟ ମଧ୍ୟରେ ତୁଳନା କରିବା ସହିତ ସାହିତ୍ୟ ଓ ଅନ୍ୟ କଳା (ନୃତ୍ୟ, ସଙ୍ଗୀତ, ଚିତ୍ର ଓ ସ୍ଥାପତ୍ୟ) ମଧ୍ୟରେ ତୁଳନାକୁ ସମପରିମାଣରେ ଗୁରୁତ୍ୱ ପ୍ରଦାନ କରନ୍ତି। ଭାରତରେ ତୁଳନାତ୍ମକ ଅଧ୍ୟୟନ ଯଦିଓ ବେଶୀ ପ୍ରାଚୀନ ନୁହେଁ, ତଥାପି କଳା ଓ ସଂସ୍କୃତିର ସମୃଦ୍ଧ ପରମ୍ପରା ସହିତ ତୁଳନାତ୍ମକ ଅଧ୍ୟୟନ ପାଇଁ ଏଠାରେ ଏକ ଉନ୍ନତ ପରିସର ସୃଷ୍ଟି କରାଯାଇଛି। ବିବିଧ ସଂସ୍କୃତିର ପୀଠସ୍ଥଳୀ ଭାରତରେ କେବଳ ଗୋଟିଏ ଅଧ୍ୟୟନ କ୍ଷେତ୍ରକୁ ପ୍ରାଧାନ୍ୟ ଦେଇ ତୁଳନାତ୍ମକ ଅଧ୍ୟୟନ କରିବା ସମ୍ଭବପର ନୁହେଁ। ଏଣୁ ଭାରତୀୟ ସମ୍ପ୍ରଦାୟରେ ବିବିଧ ଅଧ୍ୟୟନ କ୍ଷେତ୍ର ପ୍ରତି ସକାରାତ୍ମକ ମନୋଭାବ ରଖି ତୁଳନାତ୍ମକ ସାହିତ୍ୟ ଅଧ୍ୟୟନ ପାଇଁ ଅନୁବାଦ (Translation)କୁ ଗୁରୁତ୍ୱପୂର୍ଣ୍ଣ ଉପକରଣ ଭାବରେ ଗ୍ରହଣ କରାଯାଇଛି । କାରଣ ସାଂସ୍କୃତିକ ଭାବର ବିନିମୟ ସକାଶେ ବିବିଧ ସଂସ୍କୃତିର ସାହିତ୍ୟର ଅଧ୍ୟୟନ ପାଇଁ ଅନୁବାଦର ଯଥେଷ୍ଟ ଭୂମିକା ରହିଛି ।

ତୁଳନାତ୍ମକ ସାହିତ୍ୟର ବିବିଧ କ୍ଷେତ୍ର ଓ ଉପକରଣ (Various Fields and instruments of Comparative Literature):

ତୁଳନାତ୍ମକ ସାହିତ୍ୟ ଅଧ୍ୟୟନରେ ଗଢି ଉଠିଥିବା ସମ୍ପ୍ରଦାୟଗୁଡିକର ସିଦ୍ଧାନ୍ତକୁ ଆଧାର କରି ତୁଳନାତ୍ମକ ସାହିତ୍ୟର ବିଭିନ୍ନ

ଅଧ୍ୟୟନ କ୍ଷେତ୍ର ସମ୍ପର୍କରେ ସମାଲୋଚକମାନେ ଅବଗତ ହେଲେ, ଯାହାକୁ ନେଇ ତୁଳନାତ୍ମକ ସାହିତ୍ୟ ଅଧ୍ୟୟନକୁ ପୂର୍ବ ଅପେକ୍ଷା ଅଧିକ ଶୃଙ୍ଖଳିତ ଭାବରେ ଆଲୋଚନା କରିବା ପାଇଁ ଚେଷ୍ଟା କରାଗଲା। ତେବେ ତୁଳନାତ୍ମକ ସାହିତ୍ୟର ବିଭିନ୍ନ ଉପକରଣ ଅଛି ଯାହା ତୁଳନା ସମୟରେ ବ୍ୟବହୃତ ହୁଏ। ଯେଉଁ ଉପାଦାନକୁ କେନ୍ଦ୍ରକରି ରଚନାର ପରିକଳ୍ପନା ସମ୍ଭବ ହୋଇଥାଏ କିମ୍ବା ଯାହାସହ ରଚନାଟି ଜଡ଼ିତ ଥାଏ, ତୁଳନାତ୍ମକ ସାହିତ୍ୟରେ ଗବେଷକକୁ ପ୍ରଥମେ ସେହି ଉପାଦାନଗୁଡ଼ିକୁ ଖୋଜିବାକୁ ପଡ଼େ। ତେବେ ଯାଇ ତୁଳନା ଅଧିକ ପ୍ରଭାବଶାଳୀ ଓ ଉଦ୍ଦେଶ୍ୟମୂଳକ ହୋଇପାରେ। ଉକ୍ତ କ୍ଷେତ୍ରଗୁଡ଼ିକ ହେଲା –

ପ୍ରଭାବ ଅଧ୍ୟୟନ (Influence Study):

ସାହିତ୍ୟରେ 'ପ୍ରଭାବ'କୁ ଶତାବ୍ଦୀ ଧରି ନୂତନ କଳାକୃତିର ପ୍ରମୁଖ ଉପାଦାନ ଭାବରେ ଗ୍ରହଣ କରାଯାଇଛି । ଯେକୌଣସି କଳାକୃତିର ବିଷୟବସ୍ତୁ ହେଉ କି ଶୈଳୀ କିମ୍ବା ଉତ୍ପାଦନ ସମକାଳୀନ ଏବଂ ପରବର୍ତ୍ତୀ ପିଢ଼ି ଉପରେ ଏହାର ପ୍ରତିକୂଳ ଛାପ ଅବଶ୍ୟ ରହିଥାଏ। ସେହି ନିର୍ଦ୍ଦିଷ୍ଟ କଳାକୃତି ପାଇଁ ଏକ ନୂତନ ସାହିତ୍ୟର ସୃଷ୍ଟି ସମ୍ଭବ ହୁଏ, ଯେଉଁଠାରେ ପ୍ରଭାବ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରେ । "ସାହିତ୍ୟ ସର୍ବଦା ପୁରାଣ, ଲୋକକଥା, ଶାସ୍ତ୍ର, ମହାକାବ୍ୟ, କାବ୍ୟ ଆଦି ସହିତ ଆପଣାର ସମକାଳ ବା ପୂର୍ବସୂରୀଙ୍କ ଦ୍ୱାରା ପ୍ରଭାବିତ ହୋଇଥାଏ । ସ୍ରଷ୍ଟା ଯେତେବେଳେ କୌଣସି ସାହିତ୍ୟ ସୃଷ୍ଟିକରେ, ସେତେବେଳେ ଏଗୁଡ଼ିକ ସ୍ୱତଃ ତା'ର ସାହିତ୍ୟକୁ କରିଥାଏ ପ୍ରଭାବିତ । ବେଳେ ବେଳେ ପୂର୍ଣ୍ଣତଃ ସଚେତନ ଭାବେ କବିଲେଖକମାନେ ଏହାଦ୍ୱାରା ପ୍ରଭାବିତ ହୋଇଥାନ୍ତି ।" (ବରାଳ, ଆଲୋକ, *ତୁଳନାତ୍ମକ ସାହିତ୍ୟ, ଭାରତୀୟ-ପାଶ୍ଚାତ୍ୟ ସାହିତ୍ୟିକ ମତବାଦ ଓ ସମାଲୋଚନା ତତ୍ତ୍ୱ*, ବିନୋଦ ବିହାରୀ, କଟକ, ଫ୍ରେଣ୍ଡ୍ସ ପବ୍ଲିଶର୍ସ, ୨୦୧୯, ପୃ- ୪୭୩) ପୁନଶ୍ଚ ପ୍ରଭାବ କେବଳ ଗୋଟିଏ ଅଞ୍ଚଳର ଲେଖକ ବା ସାହିତ୍ୟ ଭିତରେ ସୀମାବଦ୍ଧ ହୋଇ ନଥାଏ। ଏଣୁ ତୁଳନାତ୍ମକ ଅଧ୍ୟୟନରେ ପ୍ରଭାବର ପ୍ରତ୍ୟକ୍ଷ ଓ ପରୋକ୍ଷ ସ୍ରୋତ ସହ ଦେଶୀୟ ଓ ବହିର୍ଦେଶୀୟ ରୂପକୁ ମଧ୍ୟ ଗୁରୁତ୍ୱ ସହକାରେ ଦୃଷ୍ଟି ଦେବାକୁ ହୋଇଥାଏ । ପ୍ରଭାବ ଅର୍ଥ ଗୋଟିଏ ସାହିତ୍ୟକୃତି ଅନ୍ୟର ସୃଷ୍ଟି ବା ବ୍ୟାଖ୍ୟାକୁ କିପରି ପ୍ରଭାବିତ କରିଥାଏ। ଏଥିରେ ପ୍ରତ୍ୟକ୍ଷ ପ୍ରଭାବ (ଯେଉଁଠାରେ ଜଣେ ଲେଖକ ଅନ୍ୟର କାର୍ଯ୍ୟରୁ ପ୍ରେରିତ ହୁଅନ୍ତି) ଏବଂ ପରୋକ୍ଷ ପ୍ରଭାବ (ଯେଉଁଠାରେ ବ୍ୟାପକ ସାହିତ୍ୟ ଧାରା ଏକାଧିକ ଲେଖକଙ୍କୁ ଆକାର ଦେଇଥାଏ) ଅନ୍ତର୍ଭୁକ୍ତ ହୋଇପାରେ। ପ୍ରଭାବ ଅଧ୍ୟୟନ ମାଧ୍ୟମରେ ଗବେଷକ ସାହିତ୍ୟ ଆନ୍ଦୋଳନକୁ ଠାବ କରିପାରେ, ଆନ୍ତଃ-ସାଂସ୍କୃତିକ ବିନିମୟକୁ ଚିହ୍ନଟ କରିପାରେ ଏବଂ ସମୟ କ୍ରମେ ବିଷୟବସ୍ତୁ ସହ ଶୈଳୀର ବିକଶିତ ଦିଗ ପ୍ରତି ସଚେତନ ହୁଏ ।

ପ୍ରେରଣା (Motivation):

ପ୍ରେରଣା, ପ୍ରଭାବ ଅଧ୍ୟୟନଠାରୁ ବିଚ୍ଛିନ୍ନ ନୁହେଁ । ଏହା ଜଣେ ଲେଖକଙ୍କ କୃତିର ସୃଜନ ପାଇଁ ପ୍ରୋତ୍ସାହିତ କରୁଥିବା କାରକକୁ ଦର୍ଶାଏ, ଯେଉଁଥିରେ ସାମାଜିକ, ରାଜନୈତିକ କିମ୍ବା ବ୍ୟକ୍ତିଗତ କାରଣ ଅନ୍ତର୍ଭୁକ୍ତ । ପ୍ରେରଣାର ବିଶ୍ଳେଷଣ ସମାଲୋଚକକୁ ଏକ କୃତି କେଉଁ ପରିପ୍ରେକ୍ଷୀରେ ସର୍ଜନାତ୍ମକ ରୂପ ନେଲା ତାହା ବୁଝିବାରେ ସାହାଯ୍ୟ କରେ ଏବଂ ଲେଖକଙ୍କ ଉଦ୍ଦେଶ୍ୟ, ସାମାଜିକ ପ୍ରଭାବ ଏବଂ ନିର୍ଦ୍ଦିଷ୍ଟ ବିଷୟବସ୍ତୁ କିମ୍ବା ବର୍ଣ୍ଣନାକୁ ପ୍ରେରଣା ଦେଉଥିବା ପରିସ୍ଥିତି ବିଷୟରେ ସୂଚନା ପ୍ରଦାନ କରେ ।

ଆହରଣ (Borrowing):

"ନାସ୍ତ୍ୟ ଚୌରଃ କବିଜନୋ ନାସ୍ତ୍ୟଚୌର /ବଣିଗଜନଃ ସନିନ୍ଦିତ ବିନା ବାଚ୍ୟଂ ଯୋ ଜାନାତି ନିଗୂହସେ।" କାବ୍ୟମୀମାଂସାରେ ରାଜଶେଖରଙ୍କ ଏହି ଶ୍ଳୋକ ପ୍ରକୃତରେ ଆହରଣ ପ୍ରକ୍ରିୟାକୁ ଅଙ୍ଗୁଳି ନିର୍ଦ୍ଦେଶ କରେ । ଏହାର ଅର୍ଥ ଏପରି କବି ନାହାନ୍ତି, ଯିଏ ଚୋରି କରିନାହାନ୍ତି । ଏପରି ବଣିକ ନାହାନ୍ତି, ଯିଏ ଚୋର ନୁହନ୍ତି । କିନ୍ତୁ ଯେଉଁମାନେ ଏହା ଗୋପନ ରଖିପାରନ୍ତି, ସେମାନେ ନିନ୍ଦା ମୁଖରେ ପାଉଁଶ ଦେଇ ଆନନ୍ଦରେ ଦିନ କାଟନ୍ତି । ଯେତେବେଳେ ଜଣେ ଲେଖକ ଅନ୍ୟ ସଂସ୍କୃତିର ସାହିତ୍ୟରୁ ଉପାଦାନ ଯଥା ବିଷୟବସ୍ତୁ, କଥାବସ୍ତୁ, ଚରିତ୍ର କିମ୍ବା ଶୈଳୀଗତ ବୈଶିଷ୍ଟ୍ୟକୁ ନିଜ ସାହିତ୍ୟରେ ଅନ୍ତର୍ଭୁକ୍ତ କରନ୍ତି, ସେତେବେଳେ ତାହା ଆହରଣକୁ ସୂଚାଏ । ସାହିତ୍ୟ କିପରି ସୀମା ଅତିକ୍ରମ କରି ସାଂସ୍କୃତିକ ବିନିମୟ ମାଧ୍ୟମରେ ବିକଶିତ ହୁଏ, ଉଭୟ ଆହରଣ ଏବଂ ଉତ୍ସ ସଂସ୍କୃତିକୁ ସମୃଦ୍ଧ କରେ ତାହା ଏହି ଧାରଣାରେ ଆଲୋକପାତ କରାଯାଇପାରେ । ଏହା ଗବେଷକ ପାଇଁ ତୁଳନାର ଉପଯୁକ୍ତ କ୍ଷେତ୍ର ଭାବରେ ସହାୟକ ହୋଇଥାଏ । ଏହା ବିଭିନ୍ନ ପରମ୍ପରା ମଧ୍ୟରେ ଯୋଗାଯୋଗର ଏକ ରୂପ ଭାବରେ ସାହିତ୍ୟ ସୃଷ୍ଟିର ଗତିଶୀଳ ପ୍ରକୃତିକୁ ସୂଚାଇଥାଏ ।

ଅନୁକରଣ (Imitation):

ଅନୁକରଣ ପ୍ରକ୍ରିୟାରେ ଜଣେ ଲେଖକ ପୂର୍ବ ଲେଖକମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି କିମ୍ବା ପ୍ରତିକ୍ରିୟା ରୂପେ ସଚେତନ ଭାବରେ ଜଣେ ସ୍ରଷ୍ଟାଙ୍କ କୃତିର କିଛି ଅଂଶକୁ ସିଧାସଳଖ ନିଜର ରଚନାରେ ସ୍ଥାନ ଦେଇଥା'ନ୍ତି । ଏହା ଆକାର, ଶୈଳୀ କିମ୍ବା ବିଷୟବସ୍ତୁ କିମ୍ବା ଚରିତ୍ର ଚିତ୍ରଣ ଯେକୌଣସି ରୀତିରେ ପ୍ରକାଶ ପାଇପାରେ। ସାହିତ୍ୟ ପରମ୍ପରାର ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ହେଉଛି ଅନୁକରଣ, କାରଣ ଏହା ପୁରୁଣା ସାହିତ୍ୟ ସହିତ ନୂତନ ଲେଖାର ଲିଖିତ ଯୋଗାଯୋଗକୁ ଦର୍ଶାଇ, ପୂର୍ବ ପ୍ରଭାବକୁ ସ୍ୱୀକାର କରିବା ପାଇଁ ନୂତନ କୃତିକୁ ଅନୁମତି ପ୍ରଦାନ କରେ ।

ସ୍ୱାଗତ (Reception):

ସ୍ୱାଗତ ପରୋକ୍ଷଭାବରେ ପାଠକ ପ୍ରତିକ୍ରିୟା ତତ୍ତ୍ୱକୁ ଇଙ୍ଗିତ କରେ। ଏକ ସାହିତ୍ୟକୃତିକୁ ପାଠକ ଏବଂ ସମାଲୋଚକମାନେ କିପରି ପ୍ରତିକ୍ରିୟା ଦିଅନ୍ତି, ଯାହା ବିଭିନ୍ନ ସଂସ୍କୃତି ଏବଂ ସମୟ ଅବଧି ମଧ୍ୟରେ ଭିନ୍ନ ହୋଇଥାଏ, ତାହା ହିଁ ଉକ୍ତ କୃତିର ସ୍ୱାଗତ ଅଧ୍ୟୟନ । ସ୍ୱାଗତ ଅଧ୍ୟୟନ ପାଠକମାନଙ୍କ ବ୍ୟାଖ୍ୟା, ସମାଲୋଚନାତ୍ମକ ବିଶ୍ଳେଷଣ ଏବଂ ସାମାଜିକ-ରାଜନୈତିକ କାରକ ଉପରେ ଧ୍ୟାନ କେନ୍ଦ୍ରିତ କରେ ଯାହା ଏକ ଲେଖାକୁ ପାଠକ କିପରି ବୁଝିଥାଏ ତାକୁ ଗୁରୁତ୍ୱ ଦିଏ। ଏହି ଧାରଣା ପାଠକଙ୍କ ପରିପ୍ରେକ୍ଷୀ ଉପରେ ନିର୍ଭର କରି ଗୋଟିଏ କୃତିର ବିବିଧ ଅର୍ଥ ପ୍ରକାଶ କରିଥାଏ । ଏହି ବିବିଧ ଅର୍ଥ ପରିପ୍ରକାଶ ପରବର୍ତ୍ତୀ କାଳରେ ତୁଳନାତ୍ମକ ଅଧ୍ୟୟନ ପାଇଁ ଅବସର ସୃଷ୍ଟି କରେ ।

ସମାନ୍ତରାଳ ଅଧ୍ୟୟନ (Parallel Study):

ସମାନ୍ତରାଳତା ଭିନ୍ନ ସଂସ୍କୃତି କିମ୍ବା ସମୟର କୃତି ମାନଙ୍କରେ ସମାନତା ଉପରେ ଆଲୋକପାତ କରେ, ଯାହା ପ୍ରାୟତଃ ବିଷୟବସ୍ତୁ, ବର୍ଣ୍ଣନା ଶୈଳୀ କିମ୍ବା ଚରିତ୍ର ଚିତ୍ରଣ ଆଦିକୁ କେନ୍ଦ୍ର କରି ସମାନ୍ତରାଳ ଅଧ୍ୟୟନ କରାଯାଇପାରେ। ସମାନତାକୁ ଚିହ୍ନଟ କରି ଗବେଷକ ସାର୍ବଜନୀନ ମାନବିକ ଅନୁଭୂତି ଏବଂ ମୂଲ୍ୟବୋଧ ଅନୁସନ୍ଧାନ କରିଥାଏ ଏବଂ ଭିନ୍ନ ଭିନ୍ନ ସାଂସ୍କୃତିକ ପରିପ୍ରେକ୍ଷୀରେ କିପରି ସମାନ ଧାରଣାକୁ ପୁନଃବ୍ୟାଖ୍ୟା କରାଯାଇପାରିବ ତାହା ଏହି ଅଧ୍ୟୟନ କ୍ଷେତ୍ର ଅନ୍ତର୍ଭୁକ୍ତ ଅଟେ। ଏହି ଆଭିମୁଖ୍ୟ ଆନ୍ତଃ-ସାଂସ୍କୃତିକ ବୁଝାମଣାକୁ ପ୍ରୋତ୍ସାହିତ କରେ ଏବଂ ତୁଳନୀୟ ସାହିତ୍ୟଗୁଡ଼ିକର ଐତିହ୍ୟ ଉପରେ ସମପରିମାଣରେ ଗୁରୁତ୍ୱ ଦିଏ। କହିବା ବାହୁଲ୍ୟ ଯେ, ଏହା ପ୍ରଭାବ ଅଧ୍ୟୟନ ବିରୋଧରେ ଏକ ପ୍ରତିକ୍ରିୟା ଭାବରେ ଆମେରିକୀୟ ସମ୍ପ୍ରଦାୟରୁ ପ୍ରକାଶ ଲାଭ କରିଥିଲା।

ଆନ୍ତଃଶାସ୍ତ୍ରୀୟତା (Intertextuality):

ଆନ୍ତଃଶାସ୍ତ୍ରୀୟତା ବା ଇଣ୍ଟରଟେକ୍‌ସ୍ଚୁଆଲିଟି ଗ୍ରନ୍ଥଗୁଡ଼ିକର ପରସ୍ପର ସହ ସଂଯୋଗ ଏବଂ ସେମାନଙ୍କ ପରସ୍ପରିକ ଅନ୍ତର୍ନିହିତ ସମ୍ବନ୍ଧକୁ ବୁଝାଏ। ଏହି ଧାରଣା ସ୍ୱୀକାର କରେ ଯେ କୌଣସି ଲେଖା ଅଲଗା ଭାବରେ ବିକଶିତ ହୁଏ ନାହିଁ; ବରଂ ପ୍ରତ୍ୟେକ ସାହିତ୍ୟ ଅନ୍ୟ ସାହିତ୍ୟମାନଙ୍କ ସହିତ ସମ୍ପର୍କ ଦ୍ୱାରା ନିଜର ସଂରଚନା ପାଇଥାଏ। ଆନ୍ତଃଶାସ୍ତ୍ରୀୟ ସମ୍ପର୍କକୁ ବିଶ୍ଳେଷଣ କରି ଗବେଷକ ଏକ କୃତି ଭିତରେ ଗଭୀର ଅର୍ଥ ଉନ୍ମୋଚନ କରିଥାଏ ଯାହା ଅନ୍ୟ ଏକ କୃତିରେ ସମାନ ଭାବରେ ପ୍ରତିଫଳିତ ହୋଇଥା। ମାତ୍ର ଏହା ଆହରଣ, ପ୍ରଭାବ ଓ ଅନୁକରଣଠାରୁ ନିଶ୍ଚିତ ଭାବରେ ସ୍ୱତନ୍ତ୍ର ହୋଇଥାଏ। ଏଥିରେ ଗବେଷକ, ସାହିତ୍ୟ କିପରି ଏକ ବ୍ୟାପକ ସାଂସ୍କୃତିକ ସମ୍ପର୍କକୁ ପ୍ରତିଫଳିତ ଏବଂ ଜଡ଼ିତ କରେ ତାହା ଅନୁସନ୍ଧାନ କରିଥାଏ ।

ଉପମା (Analogy):

ଉପମାରେ ଗଠନ, ବିଷୟବସ୍ତୁ କିମ୍ବା କାର୍ଯ୍ୟରେ ସମାନତାକୁ ଆଲୋକିତ କରିବା ପାଇଁ ବିଭିନ୍ନ ଗ୍ରନ୍ଥ କିମ୍ବା ଧାରଣା ମଧ୍ୟରେ ତୁଳନା କରାଯାଏ । ଏହି ଉପକରଣଟି ଜଟିଳ ଧାରଣାକୁ ସ୍ପଷ୍ଟ କରିବା ପାଇଁ କିମ୍ବା ଗୋଟିଏ କାର୍ଯ୍ୟକୁ ଅନ୍ୟ କାର୍ଯ୍ୟ ସହିତ ସଂଯୁକ୍ତ କରି ଯୁକ୍ତିକୁ ସୁଦୃଢ଼ କରିବା ପାଇଁ ବ୍ୟବହାର କରାଯାଏ । ତୁଳନୀୟ ସାହିତ୍ୟମାନଙ୍କ ମଧ୍ୟରେ ଥିବା ସାଧାରଣ ଉପାଦାନସମୂହ (common Elements)କୁ ଚିହ୍ନିତ କରି ଉପମା ସେମାନଙ୍କ ସାଦୃଶ୍ୟକୁ ପ୍ରକାଶ କରେ । ତୁଳନାତ୍ମକ ସାହିତ୍ୟରେ, ଉପମା ପଣ୍ଡିତମାନଙ୍କୁ ଭିନ୍ନ ଭିନ୍ନ ସାହିତ୍ୟ ପରମ୍ପରା ମଧ୍ୟରେ ସମ୍ପର୍କକୁ ସ୍ପଷ୍ଟ କରିବାରେ ସାହାଯ୍ୟ କରେ ଏବଂ ସେମାନେ କିପରି ସମାନ ଅସ୍ତିତ୍ୱଗତ ପ୍ରଶ୍ନଗୁଡ଼ିକର ସମାଧାନ କରନ୍ତି ତାହା ଅନୁସନ୍ଧାନ କରିବାରେ ସାହାଯ୍ୟ କରେ ।

ଅନୁବାଦ (Translation):

ତୁଳନାତ୍ମକ ସାହିତ୍ୟରେ ଭାଷାଗତ ଓ ସାଂସ୍କୃତିକ ବିଭାଜନକୁ ଦୂର କରିବାର ମାଧ୍ୟମ ଭାବରେ ଅନୁବାଦ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଏହା ପାଠ୍ୟଗୁଡ଼ିକୁ ବ୍ୟାପକ ପାଠକଙ୍କ ପାଇଁ ଉପଲବ୍ଧ କରାଇଥାଏ, ଯାହା ଆନ୍ତଃ-ସାଂସ୍କୃତିକ ଆଲୋଚନା ଏବଂ ଭାବଗତ ବିନିମୟକୁ ସହଜ କରିଥାଏ । ଅନୁବାଦ ଅଧ୍ୟୟନରେ ବିଭିନ୍ନ ସାଂସ୍କୃତିକ ପରିପ୍ରେକ୍ଷୀରେ ସାହିତ୍ୟକୃତିର ବ୍ୟାଖ୍ୟା ସହ ପ୍ରକ୍ରିୟା ସମୟରେ ଘଟୁଥିବା ଆହ୍ୱାନ ଏବଂ ପରିବର୍ତ୍ତନଗୁଡ଼ିକୁ ମଧ୍ୟ ପ୍ରାଧାନ୍ୟ ଦିଆଯାଇଥାଏ ଯାହା ତୁଳନାତ୍ମକ ଅଧ୍ୟୟନ ପାଇଁ ବିଶେଷ ପରିସର ସୃଷ୍ଟି କରିଥାଏ ।

ଆଲୋଚ୍ୟ ଏହି ଉପାଦାନଗୁଡ଼ିକ ମିଳିତ ଭାବରେ ତୁଳନାତ୍ମକ ସାହିତ୍ୟ ଶୃଙ୍ଖଳା ମଧ୍ୟରେ ସାହିତ୍ୟକୃତିଗୁଡ଼ିକର ବିଶ୍ଳେଷଣ ପାଇଁ ଏକ ବ୍ୟାପକ ଢାଞ୍ଚା ପ୍ରଦାନ କରିଥା'ନ୍ତି, ଯାହା ସମୟ, ସ୍ଥାନ ଏବଂ ସଂସ୍କୃତିରେ ସାହିତ୍ୟ କିପରି ଭାବ ବିନିମୟ କରେ ସେସମ୍ପର୍କରେ ଜ୍ଞାନ ପ୍ରଦାନ କରିଥାଏ ।

ତୁଳନାତ୍ମକ ସାହିତ୍ୟ ଅଧ୍ୟୟନର ବିଭିନ୍ନ ପଦ୍ଧତି (Methods of study of Comparative Literature)

ତୁଳନାତ୍ମକ ସାହିତ୍ୟ ହେଉଛି ଏକ ଆନ୍ତଃଶାସ୍ତ୍ରୀୟ କ୍ଷେତ୍ର ଯାହା ସାଂସ୍କୃତିକ, ଭାଷାଗତ ଏବଂ ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ସାହିତ୍ୟର ପରୀକ୍ଷା କରେ । ଏଭଳି ବ୍ୟାପକ ପରିସର ଏହାର ଅନ୍ତର୍ଭୁକ୍ତ ହେଉଥିବାରୁ ବିଧିବଦ୍ଧ ଭାବରେ ଗ୍ରନ୍ଥ, ସ୍ରଷ୍ଟା, ବିଷୟବସ୍ତୁ, ଶୈଳୀ ଏବଂ ସାହିତ୍ୟ ଆନ୍ଦୋଳନର ବିଶ୍ଳେଷଣ ପାଇଁ ଏହା ବିଭିନ୍ନ ପଦ୍ଧତିକୁ ଅନୁସରଣ କରେ। ତୁଳନାତ୍ମକ ସାହିତ୍ୟ ସହିତ ଜଡ଼ିତ ହେବା ସମୟରେ

ଗବେଷକ ଅଥବା ତୁଳନାକାର ଅନେକ ସମୟରେ ଏହି ପଦ୍ଧତିଗୁଡ଼ିକର ମିଶ୍ରଣ କରି ବିଭିନ୍ନ ସଂସ୍କୃତି ମଧ୍ୟରେ ସାହିତ୍ୟ ଗ୍ରନ୍ଥ ଏବଂ ସେମାନଙ୍କର ପରସ୍ପର ସହ ଜଡ଼ିତ ଥିବା ବିଷୟର ସୂକ୍ଷ୍ମ ଅଧ୍ୟୟନ କରିଥାଏ । ଏଠାରେ ତୁଳନାତ୍ମକ ସାହିତ୍ୟର କେତେକ ପ୍ରମୁଖ ପଦ୍ଧତିକୁ ବିଭିନ୍ନ ଦିଗରୁ ବିଚାର କରାଯାଇପାରେ ।

ଭାବଗତ ବିଶ୍ଳେଷଣ (Thematic Analysis):

ଏହି ପଦ୍ଧତି ବିଭିନ୍ନ ସଂସ୍କୃତି କିମ୍ବା ସମୟର ସାହିତ୍ୟର ସାଧାରଣ ଭାବବସ୍ତୁ (Theme) ଓ ଅଭିପ୍ରାୟ (Motif)କୁ ଚିହ୍ନଟ ଏବଂ ବିଶ୍ଳେଷଣ କରିବା ଉପରେ ଗୁରୁତ୍ୱ ଦେଇଥାଏ। ଭାବଗତ ବିଶ୍ଳେଷଣ ସାହିତ୍ୟରେ ପ୍ରତିଫଳିତ ସାର୍ବଜନୀନ ମାନବିକ ଅନୁଭୂତି ଯେପରି ପ୍ରେମ, ସଂଘର୍ଷ, ପରିଚୟ ଏବଂ ମୃତ୍ୟୁକୁ ଉନ୍ମୋଚନ କରିବାକୁ ଚେଷ୍ଟା କରେ। ତୁଳନାତ୍ମକାରୀମାନେ ଭିନ୍ନ ଭିନ୍ନ ସଂସ୍କୃତି କିପରି ସମାନ ଭାବବସ୍ତୁକୁ ବ୍ୟବହାର କରନ୍ତି, ତାହା ତୁଳନା କରି ଉଭୟ ସାହିତ୍ୟିକ କୃତି ମଧ୍ୟରେ ସାଦୃଶ୍ୟ ଓ ବୈସାଦୃଶ୍ୟକୁ ଆଲୋଚନା କରନ୍ତି। 'ଫକୀରମୋହନଙ୍କ "ଛ' ମାଣ ଆଠ ଗୁଣ୍ଠ' (ଓଡ଼ିଆ) ଏବଂ ପ୍ରେମଚାନ୍ଦଙ୍କ "ଗୋଦାନ' (ହିନ୍ଦୀ) ଭଳି ଉପନ୍ୟାସରେ 'ମାଟି ସମ୍ପୃକ୍ତି' ଭାବ ମଧ୍ୟରେ ବିଶେଷ ସାମଞ୍ଜସ୍ୟକୁ ଅନୁସନ୍ଧାନ କରାଯାଇପାରେ, ଯାହା ଉକ୍ତ ତୁଳନାତ୍ମକ ଅଧ୍ୟୟନ ଶ୍ରେଣୀଭୁକ୍ତ ହୋଇପାରିବ ।

ଐତିହାସିକ ପ୍ରାସଙ୍ଗିକତା (Historical Contextualization):

ଏହି ପଦ୍ଧତି ସାହିତ୍ୟକୃତିଗୁଡ଼ିକୁ ସେମାନଙ୍କ ଐତିହାସିକ ପରିପ୍ରେକ୍ଷୀରେ ବୁଝିବା ଉପରେ ଗୁରୁତ୍ୱ ଦେଇଥାଏ। ସାହିତ୍ୟ ପ୍ରାୟତଃ ଏହାର ସୃଷ୍ଟି ସମୟରେ ସାମାଜିକ-ରାଜନୈତିକ ବାତାବରଣର ପ୍ରତିଫଳନ ହୋଇଥାଏ। ଐତିହାସିକ ପରିସ୍ଥିତିକୁ ଅନୁଧ୍ୟାନ କରି ତୁଳନାତ୍ମକାରୀମାନେ ଗ୍ରନ୍ଥଗୁଡ଼ିକ ବିଷୟରେ ଗଭୀର ତଥ୍ୟ ପାଇପାରନ୍ତି। ସାହିତ୍ୟକୃତିକୁ ପ୍ରଭାବିତ କରିଥିବା ଐତିହାସିକ ଘଟଣା, ସାମାଜିକ ମାନଦଣ୍ଡ ଏବଂ ସାଂସ୍କୃତିକ ଆନ୍ଦୋଳନକୁ ଅବଲୋକନ କରିବା ଏହି ପଦ୍ଧତିର ଅନ୍ତର୍ଭୁକ୍ତ ହୋଇପାରେ। ଯୁଦ୍ଧ ସାହିତ୍ୟର ତୁଳନା, ଯେପରିକି ବ୍ୟାସଦେବଙ୍କ ସଂସ୍କୃତ ମହାକାବ୍ୟ 'ମହାଭାରତ' (ମହାଭାରତ ଯୁଦ୍ଧ) ଏବଂ ହୋମରଙ୍କ ଗ୍ରୀକ୍ ମହାକାବ୍ୟ "ଇଲିଆଡ୍' (ଟ୍ରୋଜେନ୍ ଯୁଦ୍ଧ), ଏଭଳି ବିଭିନ୍ନ ସାହିତ୍ୟରେ ସଂଘର୍ଷ କିପରି ବିଷୟବସ୍ତୁକୁ ରୂପ ଦେଇଥାଏ, ତାହା ଏହି ପଦ୍ଧତି ଅନୁସାରଣରେ ଆଲୋଚନା କରାଯାଇପାରେ।

ଆନ୍ତଃବିଭାଗୀୟ ପଦ୍ଧତି (Inter-disciplinary Method):

ଏହି ପଦ୍ଧତି ସାହିତ୍ୟ ବିଶ୍ଳେଷଣରେ ସମାଜବିଜ୍ଞାନ, ମନୋବିଜ୍ଞାନ ଓ ସାଂସ୍କୃତିକ ଅଧ୍ୟୟନ ଭଳି ବିଭିନ୍ନ ବିଭାଗର ସିଦ୍ଧାନ୍ତ ଓ ଧାରଣାକୁ ସମନ୍ୱିତ କରିଥାଏ। ଆନ୍ତଃବିଭାଗୀୟ ଆଭିମୁଖ୍ୟ ସାହିତ୍ୟକୁ ଅଧିକ ସୂକ୍ଷ୍ମ ଭାବରେ ବୁଝିବା ପାଇଁ ବିଶେଷ ସହାୟକ ହୋଇଥାଏ, କାରଣ ଏହାଦ୍ୱାରା ଗ୍ରନ୍ଥ ଉପରେ ଏକାଧିକ ବିଭାଗର ପ୍ରଭାବ ଓ ତତ୍ତ୍ୱକୁ ଅନୁସନ୍ଧାନ କରାଯାଇପାରେ। ଏହି ପଦ୍ଧତି ଗ୍ରନ୍ଥଗୁଡ଼ିକୁ ବୁଝିବା ପାଇଁ ବିଭିନ୍ନ ଦୃଷ୍ଟିକୋଣ ଏବଂ ଢାଞ୍ଚା ପ୍ରଦାନ କରି ସାହିତ୍ୟ ଅଧ୍ୟୟନକୁ ସମୃଦ୍ଧ କରିଥାଏ। ଆନ୍ତଃବିଭାଗୀୟ ଆଭିମୁଖ୍ୟର ଉପଯୋଗ କରି ତୁଳନାତ୍ମକ ସାହିତ୍ୟ ବ୍ୟାପକ ମାନବିକ ଅନୁଭୂତି ଏବଂ ସାମାଜିକ ପ୍ରସଙ୍ଗ ସହିତ ସାହିତ୍ୟର ପାରସ୍ପରିକ ସମ୍ପର୍କ ଉପରେ ଆଲୋକପାତ କରିଥାଏ। ଏହି ପଦ୍ଧତି ସାହିତ୍ୟ ସମାଲୋଚନାର ସମ୍ବନ୍ଧତାକୁ ବଢ଼ାଇଥାଏ ଏବଂ ବିଭିନ୍ନ ସଂସ୍କୃତିର ଗ୍ରନ୍ଥଗୁଡ଼ିକର ସାମଗ୍ରିକ ଅଧ୍ୟୟନକୁ ପ୍ରୋତ୍ସାହିତ କରିଥାଏ। ଏଥିରେ ଅନ୍ୟ କ୍ଷେତ୍ରକୁ ସଂଯୋଜିତ କରି ତୁଳନାତ୍ମକ ଗବେଷକ ସାହିତ୍ୟ ରଚନାକୁ ରୂପ ଦେଉଥିବା ସାମାଜିକ, ସାଂସ୍କୃତିକ ଏବଂ ମାନସିକ ପରିପ୍ରେକ୍ଷୀକୁ ଭଲ ଭାବରେ ବୁଝିବାରେ ସକ୍ଷମ ହୁଏ। ଆନ୍ତଃବିଭାଗୀୟ ପଦ୍ଧତିଗୁଡିକ ପରିଚୟ ଏବଂ ସାଂସ୍କୃତିକ ସଂଘର୍ଷ ପରି ଜଟିଳ ବିଷୟବସ୍ତୁର ଗଭୀର ବିଶ୍ଳେଷଣ କରିବାର ପରିସର ସୃଷ୍ଟି କରେ ଯାହା ଏକକ ବିଭାଗୀୟ ପଦ୍ଧତିରେ ସମ୍ଭବପର ନୁହେଁ । ଯେପରି ସାହିତ୍ୟରେ ଔପନିବେଶିକ ପ୍ରଭାବ ଅନୁସନ୍ଧାନ କରିବା ପାଇଁ ପଣ୍ଡିତମାନେ ଲିଙ୍ଗ ପ୍ରତିନିଧିତ୍ୱ (gender representation) ଓ ଉତ୍ତର-ଔପନିବେଶିକ ସିଦ୍ଧାନ୍ତକୁ ବିଶ୍ଳେଷଣ କରିବା ପାଇଁ ନାରୀବାଦୀ ସିଦ୍ଧାନ୍ତ (Feminist Ideology) ପ୍ରୟୋଗ କରିପାରନ୍ତି। ଏଦିଗରେ ଗୋପୀନାଥ ମହାନ୍ତିଙ୍କ 'ପରଜା' ଓ ଚିନୁଆ ଆଚେବେ(Chinua Achebe)ଙ୍କ 'ଥିଙ୍ଗସ୍ ଫଲ୍ ଅପାର୍ଟ'(Things Fall Apart)ରେ ନାରୀ ଚରିତ୍ରକୁ ଉତ୍ତର-ଉପନିବେଶବାଦୀ ଦୃଷ୍ଟିକୋଣରୁ ତୁଳନା କରାଯାଇପାରିବ। ପୁନଶ୍ଚ ନାରୀବାଦୀ ସିଦ୍ଧାନ୍ତ ମାଧ୍ୟମରେ 'ଭର୍ଜିନିଆ ଉଲଫ୍'ଙ୍କ ଉପନ୍ୟାସ ଓ 'ପ୍ରତିଭା ରାୟ'ଙ୍କ ଉପନ୍ୟାସକୁ ବିଶ୍ଳେଷଣ କରାଗଲେ ଲିଙ୍ଗଗତ ଭୂମିକା ଏବଂ ସାମାଜିକ ଅଭିଳାଷ ମଧ୍ୟରେ ଐତିହାସିକ ଏବଂ ସମାଜବିଜ୍ଞାନୀ ଦୃଷ୍ଟିଭଙ୍ଗୀକୁ ଦର୍ଶାଯାଇପାରିବ। ସୂକ୍ଷ୍ମଦୃଷ୍ଟିରୁ ଏହି ପଦ୍ଧତିକୁ ଅନୁଧ୍ୟାନ କଲେ ଏହା ବହୁବିଭାଗୀୟ (Multi-disciplinary) ଏବଂ ପାରସ୍ପରିକ-ବିଭାଗୀୟ (Cross-disciplinary) ପଦ୍ଧତି ରୂପରେ ଦ୍ୱିବିଧ ଅଟେ।

ଶୈଳୀ ଅଧ୍ୟୟନ (Genre Studies):

ଏହି ପଦ୍ଧତିରେ ବିଭିନ୍ନ ସଂସ୍କୃତିରେ ଏବଂ ବିଭିନ୍ନ ସାହିତ୍ୟ ପରମ୍ପରାରେ ନିର୍ଦ୍ଦିଷ୍ଟ ଧାରା ବା ଶୈଳୀର ରଚନା କିପରି ପ୍ରକାଶ ପାଇଥାଏ ତାହା ଅନ୍ତର୍ଭୁକ୍ତ। ଶୈଳୀଗୁଡ଼ିକର ବିଶ୍ଳେଷଣରୁ ଜଣାପଡେ ଯେ ବିଭିନ୍ନ ସାହିତ୍ୟିକ ଆନ୍ଦୋଳନର ପରିପ୍ରେକ୍ଷୀ କିପରି କାହାଣୀର ରୂପ ଏବଂ ଢାଞ୍ଚାକୁ ପ୍ରଭାବିତ କରିଥାଏ। ଏଥିରେ ବିଭିନ୍ନ ସଂସ୍କୃତିର ସାହିତ୍ୟରେ ନିର୍ଦ୍ଦିଷ୍ଟ ଶୈଳୀ (ଟ୍ରାଜେଡି, କମେଡି, ମହାକାବ୍ୟ, କ୍ଲାସିକ,

ରୋମାଣ୍ଟିକ)କୁ ଆଧାର କରି ତୁଳନା କରାଯାଏ ଯହିଁରେ ପ୍ରତ୍ୟେକ ସଂସ୍କୃତିର ତତ୍କାଳୀନ ମାନଦଣ୍ଡ ପ୍ରତିଫଳିତ ହୋଇଥାଏ। ଉଦାହରଣ: ଗ୍ରୀକ୍‌ର "ଇଲିୟାଡ୍' ଏବଂ ଭାରତର "ମହାଭାରତ'ଗ୍ରନ୍ଥ ଦ୍ୱୟର ମହାକାବ୍ୟ ପରମ୍ପରାକୁ ତୁଳନା କରି, କାହାଣୀ ରଚନା, ବିଷୟବସ୍ତୁ, ସାମାଜିକ ଜୀବନ ଏବଂ ଚରିତ୍ର ବିକାଶ ଉପରେ ତୁଳନାତ୍ମକ ଅଧ୍ୟୟନ କରାଯାଇପାରିବ।

ଅନୁବାଦ ଅଧ୍ୟୟନ (Translation Studies):

ଅନୁବାଦ ତୁଳନାତ୍ମକ ଅଧ୍ୟୟନରେ ଉଭୟ ପଦ୍ଧତି ଏବଂ ଉପକରଣ ଭାବରେ ସହାୟକ ହୋଇଥାଏ। ତୁଳନାତ୍ମକ ସାହିତ୍ୟ ପାଇଁ ଅନୁବାଦ ଅଧ୍ୟୟନ ଗୁରୁତ୍ୱପୂର୍ଣ୍ଣ କାରଣ ଏହା ଭାଷାଭିତ୍ତିକ ସୀମା ମଧ୍ୟରେ ଗ୍ରନ୍ଥଗୁଡ଼ିକୁ ଉପଲବ୍ଧ କରାଇଥାଏ। ଏହା ଗବେଷକମାନଙ୍କୁ ଭାଷା ଏବଂ ସଂସ୍କୃତି ମଧ୍ୟରେ ସାଦୃଶ୍ୟ ଓ ବୈସାଦୃଶ୍ୟ ନିର୍ଦ୍ଧାରଣ କରିବାରେ ସାହାଯ୍ୟ କରେ। ଏହା ଭାଷା ଗଠନ ଏବଂ ଅର୍ଥ ପରିପ୍ରକାଶ ବିଷୟରେ ମଧ୍ୟ ସୂଚନା ପ୍ରଦାନ କରେ। ଗବେଷକ ଉଭୟ ପାରମ୍ପରିକ ଏବଂ ନୂତନ କୌଶଳ ବ୍ୟବହାର କରି ନିଜର ଚିନ୍ତନ ଗଭୀର କରିବା ପାଇଁ ବାରମ୍ବାର ଅନୁବାଦର ବ୍ୟବହାର କରିଥାଏ। ଅନୁବାଦକୁ ଯଦି ଏକ ତୁଳନାତ୍ମକ ପଦ୍ଧତି ଭାବରେ ଗ୍ରହଣ କରାଯାଏ ତେବେ, ଏହା ଗ୍ରନ୍ଥଗୁଡ଼ିକର ଗୋଟିଏ ଭାଷାରୁ ଅନ୍ୟ ଭାଷାକୁ ଅନୁବାଦ କରିବାର ପ୍ରକ୍ରିୟା ସମୟରେ ଅନୁବାଦକଠାରେ ପରିଲକ୍ଷିତ ହେଉଥିବା ସାଂସ୍କୃତିକ ପ୍ରଭାବକୁ ନିରୀକ୍ଷଣ କରେ। ଏହା ମନେରଖିବାକୁ ଯେ, ମୂଳ କୃତି ଏବଂ ସେମାନଙ୍କର ଅନୁବାଦ କଦାପି ସମାନ ନୁହେଁ, ଏଣୁ ଗବେଷକ ଅନୁବାଦ ପ୍ରକ୍ରିୟା ଅଧ୍ୟୟନ କରି ଅନୁବାଦିତ କୃତିଗୁଡ଼ିକର ବିଶ୍ଳେଷଣ କରିଥାଏ ଏବଂ ଅନୁବାଦରେ କେତେକ ସାଂସ୍କୃତିକ ସୂକ୍ଷ୍ମତା କିପରି ସଂରକ୍ଷିତ କିମ୍ବା ଲୁପ୍ତ ହୋଇଛି ତା'ର ମୂଲ୍ୟାଙ୍କନ କରିଥାଏ । ପ୍ରକାଶ ଥାଉ କି, ସମ୍ପୃକ୍ତ ଗ୍ରନ୍ଥର ମୂଳ ସ୍ରଷ୍ଟା ଓ ଅନୁବାଦକାରୀ ଉଭୟଙ୍କ ସାଂସ୍କୃତିକ ପରିମଣ୍ଡଳ ଭିନ୍ନ ହେବା ଉଚିତ୍। କାରଣ ଭାଷା ଭିନ୍ନ ହେଲେ ହେଁ, ସମାନ ସଂସ୍କୃତିଭିତ୍ତିକ ସାହିତ୍ୟ କୃତିର ତୁଳନାତ୍ମକ ଅଧ୍ୟୟନ ମୂଲ୍ୟହୀନ ଅଟେ। ରବୀନ୍ଦ୍ରନାଥଙ୍କ ଗୀତାଞ୍ଜଳିର ବଙ୍ଗଳା ରୂପ ଓ ଇଂରାଜୀ ରୂପର ତୁଳନାତ୍ମକ ଅଧ୍ୟୟନ ସେତେ ଫଳପ୍ରଦ ନୁହେଁ କାରଣ ଉଭୟ ଗ୍ରନ୍ଥର ସ୍ରଷ୍ଟା ଏକ। ପ୍ରେମଚାନ୍ଦଙ୍କ 'ଗୋଦାନ' (ହିନ୍ଦୀ) ଉପନ୍ୟାସ ସହ ଗୋଳକବିହାରୀ ଧଳଙ୍କ ଅନୁବବାଦିତ 'ଗୋଦାନ' (ଓଡ଼ିଆ) ଉପନ୍ୟାସ ମଧ୍ୟରେ ସାଂସ୍କୃତିକ ବିବିଧତାକୁ ଆଧାର କରି ଉଭୟ ଉପନ୍ୟାସର ତୁଳନାତ୍ମକ ଅଧ୍ୟୟନ କରାଯାଇପାରିବ।

ପାଠକ ପ୍ରତିକ୍ରିୟା ତତ୍ତ୍ୱ (Reader Response Theory):

ଏହି ପଦ୍ଧତିରେ ପାଠକମାନେ ସେମାନଙ୍କର ବ୍ୟକ୍ତିଗତ ଅନୁଭୂତି, ସାଂସ୍କୃତିକ ପୃଷ୍ଠଭୂମି ଏବଂ ପ୍ରସଙ୍ଗ ଆଧାରରେ ଗ୍ରନ୍ଥଗୁଡ଼ିକୁ କିପରି ବ୍ୟାଖ୍ୟା କରନ୍ତି ତାହା ଅନୁଧ୍ୟାନ କରାଯାଏ । ପାଠକଙ୍କ ପ୍ରତିକ୍ରିୟାକୁ ବୁଝିବା ଅର୍ଥ ଗ୍ରନ୍ଥର ଆଲୋଚନାରେ ପାଠକଙ୍କ ସକ୍ରିୟ ଭୂମିକା ଓ ଅବଦାନ ଉପରେ ଅନୁଧ୍ୟାନ କରିବା, ଯାହା ସାଂସ୍କୃତିକ ପରିପ୍ରେକ୍ଷୀରେ ଯେତେ ବ୍ୟାପକ ସେତେ ଭିନ୍ନ ହୋଇପାରେ । ଏହି ପଦ୍ଧତିରେ ତୁଳନାତ୍ମକାରୀ ବିଭିନ୍ନ ସଂସ୍କୃତିରେ ସମାନ ଲେଖା ବା ସମାନ ଗ୍ରନ୍ଥଗୁଡ଼ିକର ପାଠକ ବ୍ୟାଖ୍ୟାର ତୁଳନାତ୍ମକ ବିଶ୍ଳେଷଣ କରନ୍ତି । ଉଦାହରଣସ୍ୱରୂପ, ବିଭିନ୍ନ ସଂସ୍କୃତିରେ "ଯାଜ୍ଞସେନୀ" ପରି ଏକ କ୍ଲାସିକ୍ କୃତି ଉପରେ ପାଠକଙ୍କ ପ୍ରତିକ୍ରିୟାର ତୁଳନା କରିବା ଦ୍ୱାରା ସାଂସ୍କୃତିକ ମୂଲ୍ୟବୋଧ ଚରିତ୍ର, ବିଷୟବସ୍ତୁ ସହିତ ବ୍ୟକ୍ତିଗତ ସମ୍ପର୍କକୁ କିପରି ପ୍ରଭାବିତ କରେ ତାହା ଅନୁସନ୍ଧାନ କରାଯାଇପାରିବ, ଯାହା ଉକ୍ତ ଅଧ୍ୟୟନ ପଦ୍ଧତିର ଅଂଶବିଶେଷ ।

ଏହି ପ୍ରତ୍ୟେକ ପଦ୍ଧତି ଏକ ଅନନ୍ୟ ଦୃଷ୍ଟିଭଙ୍ଗୀ ପ୍ରଦାନ କରେ ଯାହା ମାଧ୍ୟମରେ ତୁଳନାତ୍ମକାରୀ ସାହିତ୍ୟର ବିବିଧତା ଏବଂ ସମୃଦ୍ଧିକୁ ଅନ୍ୱେଷଣ କରିପାରେ। ଏକାଧିକ ଆଭିମୁଖ୍ୟ ପ୍ରୟୋଗ କରି ତୁଳନାତ୍ମକ ସାହିତ୍ୟ ସାଂସ୍କୃତିକ ପରିପ୍ରେକ୍ଷୀ, ଐତିହାସିକ ମୁହୂର୍ତ୍ତ ଏବଂ ମାନବିକ ଅନୁଭୂତି ଦ୍ୱାରା ସାହିତ୍ୟ କିପରି ରୂପ ପାଏ, ସେ ବିଷୟରେ ଏକ ବିସ୍ତୃତ ତଥ୍ୟ ପ୍ରଦାନ କରିଥାଏ । ଏହି ପରିପ୍ରେକ୍ଷୀରେ କୁହାଯାଇପାରେ ଯେ, ତୁଳନାତ୍ମକ ସାହିତ୍ୟ ନୂତନ ଦୃଷ୍ଟିକୋଣ ଏବଂ ଆନ୍ତଃଶାସ୍ତ୍ରୀୟ ସଂଳାପକୁ ପ୍ରୋତ୍ସାହିତ କରିଥାଏ, ଯାହା ବିଶ୍ୱସ୍ତରରେ ସାହିତ୍ୟ ଅଧ୍ୟୟନକୁ ସମୃଦ୍ଧ କରିବାରେ ସହାୟକ ହୋଇଥାଏ ।

ସାମଗ୍ରିକ ଭାବରେ ବିଚାର କଲେ ତୁଳନାତ୍ମକ ସାହିତ୍ୟ ଏକ ବ୍ୟାପକ ଶବ୍ଦ । ଏହାର ପରିସର ମାନବିକ ଅନୁଭୂତିର ସମଗ୍ରତାକୁ ଆଲିଙ୍ଗନ କରେ, ଏବଂ ଏହିପରି ତୁଳନାତ୍ମକ ଅଧ୍ୟୟନ ଅଧୀନରେ ସାହିତ୍ୟ ପ୍ରତି ସମାଲୋଚନାତ୍ମକ ଆଭିମୁଖ୍ୟ ମାଧ୍ୟମରେ ପୃଥିବୀର ବିଭିନ୍ନ ଅଂଶ ମଧ୍ୟରେ ସମସ୍ତ ଆଭ୍ୟନ୍ତରୀଣ ମାନବିକ ସମ୍ପର୍କକୁ ଅନୁଭବ କରାଯାଇପାରେ । ଏହା ସଂକୀର୍ଣ୍ଣ ଜାତୀୟ ତଥା ଆନ୍ତର୍ଜାତୀୟ ସୀମାକୁ ଲୋପ କରିବାରେ ସାହାଯ୍ୟ କରେ ଏବଂ ସେହି ସ୍ଥାନରେ ମାନବ ସମ୍ପର୍କର ସାର୍ବଜନୀନତା ପ୍ରକାଶିତ ହୁଏ । ତେଣୁ ତୁଳନାତ୍ମକ ସାହିତ୍ୟ ଶବ୍ଦରେ ଆଞ୍ଚଳିକ ସାହିତ୍ୟ, ଜାତୀୟ ସାହିତ୍ୟ ଏବଂ ଆନ୍ତର୍ଜାତୀୟ ସାହିତ୍ୟର ତୁଳନାତ୍ମକ ଅଧ୍ୟୟନ ଅନ୍ତର୍ଭୁକ୍ତ । ତେବେ ସାର୍ବଜନୀନ ସାହିତ୍ୟ, ସାଧାରଣ ସାହିତ୍ୟ, ଆନ୍ତର୍ଜାତୀୟ ସାହିତ୍ୟ ଓ ବିଶ୍ୱ ସାହିତ୍ୟ ଭଳି ତୁଳନାତ୍ମକ ସାହିତ୍ୟର ଅନେକ ପରିଭାଷା ରହିଛି । ପୁନଶ୍ଚ ଏଠାରେ ଉଲ୍ଲେଖଯୋଗ୍ୟ ଯେ, ତୁଳନାତ୍ମକ ସାହିତ୍ୟରେ ସମଗ୍ର ମାନବ ଜୀବନ ଏବଂ ଆଚରଣର ଅନୁଭୂତି ଅନ୍ତର୍ଭୁକ୍ତ । ବିଶ୍ୱ ସାହିତ୍ୟର ଧାରଣାରେ ହୋମର୍, ଦାନ୍ତେ, ସେକ୍ସପିୟର୍, ମିଲ୍ଟନ୍, ଗୋଏଥେ, ଇମର୍ସନ, ଥୋରୋ, ବାଲ୍ମୀକି, ବ୍ୟାସ ଓ କାଳିଦାସଙ୍କ କୃତିକୁ ତୁଳନା

ପାଇଁ ଗ୍ରହଣ କରାଯିବା ଉଚିତ୍ । ଏହି ଆଧାରରେ ଭର୍ଜିଲ୍‌ଙ୍କ 'ଏନିଡ୍', ହୋମରଙ୍କ 'ଇଲିୟାଡ୍', ମିଲ୍ଟନ୍‌ଙ୍କ 'ପାରାଡାଇଜ୍ ଲଷ୍ଟ୍', ଭାରତୀୟ ମହାକାବ୍ୟ 'ରାମାୟଣ' ଓ 'ମହାଭାରତକୁ' ବିଶ୍ୱ ସାହିତ୍ୟ ତୁଳନାରେ ଅଧ୍ୟୟନ କରାଯାଇପାରିବ। ଏହା ସତ୍ୟ ଯେ ପାଶ୍ଚାତ୍ୟ ଭୂଖଣ୍ଡରେ ଯେପରି ପ୍ଲେଟୋଙ୍କ ଠାରୁ ଆରମ୍ଭ କରି ଆରିଷ୍ଟୋଟଲ୍, ଲଙ୍ଗିନସ୍, ଭର୍ଜିଲ୍, ଦାନ୍ତେ, ସେନେକା, ଗୋଏଥେ, ଆର୍ନୋଲ୍ଡ୍, ପୋଷନେଟ୍, ଭୋଲଟେୟାର୍, ଫ୍ଲାବର୍ଟ୍, ଲାମାର୍ଟିନ୍, ବାଲଜାକ୍, ଡିଡେରୋଟ୍, ଟାଇନ୍ ଓ ସେବିଉଭ୍ ଆଦି ତୁଳନାତ୍ମକ ସମାଲୋଚକମାନେ ତୁଳନାତ୍ମକ ଅଧ୍ୟୟନ ପାଇଁ ସଚେତନତା ସୃଷ୍ଟି କରିଛନ୍ତି। ଅନୁରୂପଭାବରେ ଭାରତୀୟ ପୃଷ୍ଠଭୂମିରେ ରବୀନ୍ଦ୍ରନାଥଙ୍କଠାରୁ ଆରମ୍ଭ କରି ଶ୍ରୀ ଅରବିନ୍ଦ, ବୁଦ୍ଧଦେବ ବୋଷ, ବିଜୟ କୁମାର ଦାସ, ଶିଶିର କୁମାର ଦାସ, ଅମୀୟ ଦେବ ଏବଂ ଆର୍. କେ. ଧୱନ୍‌ଙ୍କ ପରି ଅନେକ ତୁଳନାତ୍ମକ ସମାଲୋଚକଙ୍କ ଆଭିମୁଖ୍ୟ ଭାରତରେ ତୁଳନାତ୍ମକ ସାହିତ୍ୟ କିମ୍ବା ବିଭିନ୍ନ ସାହିତ୍ୟର ତୁଳନାତ୍ମକ ଅଧ୍ୟୟନ ଦିଗରେ ଏକ ବହୁମୁଖୀ ଦ୍ୱାର ଖୋଲିଛନ୍ତି । ଯଦି ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣରୁ ବିଚାର କରାଯାଏ, ତେବେ ମଣିଷର ସ୍ୱଭାବ ନିଶ୍ଚିତ ଭାବରେ ସମଗ୍ର ବିଶ୍ୱରେ ସମାନ। ସେଥିପାଇଁ ସମସ୍ତ ସାହିତ୍ୟକୃତି ବା ସାହିତ୍ୟରେ ମାନବିକ ଅଭିବ୍ୟକ୍ତିର ଗଭୀର ସାମଞ୍ଜସ୍ୟ ରହିବା ସୁନିଶ୍ଚିତ । ତେଣୁ ବିଭିନ୍ନ ଜାତିର ବିଭିନ୍ନ ସାହିତ୍ୟକୃତିର କଳାକୃତି ମଧ୍ୟରେ ସାମଞ୍ଜସ୍ୟ ରହିଛି । ଏଥିରେ ସନ୍ଦେହ ନାହିଁ ଯେ, ମାନବ ପ୍ରକୃତି ଅତ୍ୟନ୍ତ ଜଟିଳ ଏବଂ ବିଭିନ୍ନ ସାହିତ୍ୟକୃତିର ଏହି ଜଟିଳତା ତୁଳନାତ୍ମକ ଅଧ୍ୟୟନକୁ ଏକ ବ୍ୟାପକ ଅଧ୍ୟୟନ ପ୍ରଣାଳୀରେ ପରିଣତ କରେ । ଉପରୋକ୍ତ ଉଲ୍ଲେଖ ଅନୁଯାୟୀ, ତୁଳନାତ୍ମକ ଅଧ୍ୟୟନ ଏକ ନିର୍ଦ୍ଦିଷ୍ଟ ସାହିତ୍ୟର ସମାଲୋଚନାତ୍ମକ ଆଭିମୁଖ୍ୟଠାରୁ ଭିନ୍ନ ନୁହେଁ, କେବଳ ଏତିକି ପ୍ରଭେଦ ଯେ ଏଠାରେ ଦୁଇ କିମ୍ବା ଦୁଇରୁ ଅଧିକ ସାହିତ୍ୟକୁ ସମାନ୍ତରାଳ ଭାବରେ ଆଲୋଚନା କରାଯାଏ । ଏହାଦ୍ୱାରା ବିଷୟବସ୍ତୁ ବ୍ୟାପକରୁ ବ୍ୟାପକ ହୋଇଯାଏ । ପରିଶେଷରେ ମାନବ ଜୀବନର ସମଗ୍ରତା ଓ ଅନୁଭୂତିକୁ ନିଜ ଆଲିଙ୍ଗନରେ ଅନ୍ତର୍ଭୁକ୍ତ କରିବା ପାଇଁ ତୁଳନାତ୍ମକ ସାହିତ୍ୟର ସୀମାକୁ ଆହୁରି ବ୍ୟାପକ ଓ ବହୁମୁଖୀ କରିବାର ଆବଶ୍ୟକତା ରହିଛି ।

ସହାୟକ ଗ୍ରନ୍ଥସୂଚୀ

1. Dhawan, R. K., (ed), *Comparative Literature*. New Delhi: Behari Publication, 1987. Print
2. Koshy, K.A., *Towards Comparative Indian Literature*, Aligarh Muslim University: dept. of Modern Indian Language, 1987. Print
3. Posnett, H.M., *Comparative Literature*, London: Kegan Paul, Trench, 1886. Print
4. Bose, Buddhadeva, *Comparative Literature in India*, *Contribution to Comparative Literature Germany and India*, Calcutta: Ravindra Publication House, 1973. Print
5. Das, Bijay Kumar, (ed), *Comparative Literature*, Opp. Rajouri Garden New Delhi-27: Atlantic Publishers and distributors B-2 Vishal Enclave, 2000. Print
6. Gifford, Henry, *Comparative Literature*, New York: Humanities Press, 1969. Print

୭. ବରାଳ, ଆଲୋକ, *ତୁଳନାତ୍ମକ ସାହିତ୍ୟ, ଭାରତୀୟ-ପାଶ୍ଚାତ୍ୟ ସାହିତ୍ୟିକ ମତବାଦ ଓ ସମାଲୋଚନା ତତ୍ତ୍ୱ*, ବିନୋଦ ବିହାରୀ, କଟକ, ଫ୍ରେଣ୍ଡ୍ସ ପବ୍ଲିଶର୍ସ, ୨୦୧୯

୮. ବେହେରା, ଚିନ୍ତାମଣି, *ତୁଳନାତ୍ମକ ବନାମ ସାର୍ବଜନୀନ ସାହିତ୍ୟ, ଚିତ୍ର ଓ ଚରିତ*, କଟକ, ଆର୍ଯ୍ୟ ପ୍ରକାଶନ, ପ୍ରଥମ ସଂସ୍କରଣ-୧୯୯୭

୯. ଶୁକ୍ଳ, ଅନନ୍ତ ଚରଣ, *'ତୁଳନାତ୍ମକ ସାହିତ୍ୟ ! କ'ଣ, କାହିଁକି ଓ କେବେ ?', ତୁଳନାତ୍ମକ ସାହିତ୍ୟ (ଏକ ସମ୍ପାନ)*, କଟକ, ଓଡ଼ିଆ ଗବେଷଣା ପରିଷଦ, ୧୯୮୪।

❖ ❖ ❖